
### ଶେରଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବିବାଦ ଓ ଅନ୍ଧାର ପିଛା ଛାଡୁନି

# ଟର୍ଚ୍ଚ ଲାଇଟ ଓ କ୍ୟାଣ୍ଡଲରେ ଚାଲିଛି ଚିକିତ୍ସା

ଶେରଗଡ଼,୮।୬(ସମିସ): ରାଜ୍ୟ ଏବଂ କେନ୍ଦ୍ର ସରକାର ସ୍ୱାସ୍ଥ୍ୟ ସେବାରେ ଉନ୍ନତି ଲାଗି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଏହାର ବ୍ୟତିକ୍ରମ ଦେଖାଦେଇଛି ଶେରଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ। ପ୍ରକାଶ ଯେ,ଶେରଗଡ ସଦରରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅବସ୍ଥିତ। ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିନରେ ଶେରଗଡ ବ୍ଲକର ୩ଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ସହ ସାନଖେମୁଣ୍ଡି ନିର୍ବାଚନ ମଣ୍ଡଳୀର ୨ଟି ବ୍ଲକର ଜନସାଧାରଣ ଏହି ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ନିର୍ଭର କରିଥାନ୍ତି। ହେଲେ ଶେରଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ପିଛା ଛାଡୁନି ସମସ୍ୟା ଏବଂ କିଟିକିଟି ଅନ୍ଧାର। ତୁହାକୁ ତୁହା ଶେରଗଡ ସହରରେ ବିଦ୍ୟୁତ କାଟ ହେଉଥିବା ବେଳେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପ୍ରତ୍ୟେକ ୱର୍ଡ ଅନ୍ଧାରରେ ରହିଥିଲା। ଉକ୍ତ ସମୟରେ କାର୍ଯ୍ୟରତ ଥିବା ମହିଳା ସେବିକା ବବିତା ରାଣୀ ପାଢୀ ଟର୍ଚ୍ଚ ଲାଇଟ ଏବଂ ମହମବତୀ ରେ ଜଣେ ପ୍ରସୂତିଙ୍କ ସେବା କରୁଥିବା ଦେଖିବାକୁ ମିଳିଛି। ଘଟଣାରୁ ପ୍ରକାଶ ଯେ, ରବିବାର ସନ୍ଧ୍ୟାରେ ପଟ୍ଟାପାବୁଲି ଗ୍ରାମର ଅନନ୍ତ ଗୌଡଙ୍କ ସ୍ତ୍ରୀ ଅଞ୍ଜଳି ଗୌଡ ନିଜ ବାପାଙ୍କ ସହିତ ପ୍ରସବ ଲାଗି ଶେରଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କୁ ଆସିଥିଲେ। ନିଜ ଛୁଆକୁ ଜନ୍ମ ଦେବା ପୂର୍ବରୁ ସ୍ୱାସ୍ଥ୍ୟ କେନ୍ଦ୍ରର ଲାଇନ ବିଚ୍ଛିନ୍ନ ହୋଇଥିଲା। କିଟିକିଟି ଅନ୍ଧାର ଯୋଗୁଁ ପ୍ରସୂତି ମହିଳା ଏବଂ ତାଙ୍କ ସମ୍ପର୍କିୟ ଭୟଭୀତ ହୋଇ ଯାଇଥିଲେ। ପରିସ୍ଥିତିକୁ ନିୟନ୍ତ୍ରଣକୁ ନେଇ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜେନେରେଟର ଏବଂ ଇନଭର୍ଟରର ସୁବିଧା ନଥିବାରୁ ଉପସ୍ଥିତ ରୋଗୀଙ୍କ ସମ୍ପର୍କୀୟମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ପ୍ରଥମେ ତାଙ୍କୁ କ୍ୟାଣ୍ଡଲ ଆଣିବା ପାଇଁ



କହିଥିଲେ, କ୍ୟାଣ୍ଡଲ ଆଣିବା ପରେ ଆଲୁଅ ସୁବିଧା ହେବନି ଏବଂ ନିଜ ଝିଅର ଅସୁବିଧା ହେବା ଭୟରେ ୭ ଶହ ଟଙ୍କା ବ୍ୟୟରେ ଟର୍ଚ୍ଚ ଲାଇଟ କିଣି ସ୍ୱାସ୍ଥ୍ୟ କେନ୍ଦ୍ର କୁ ଆଣିଥିଲେ ଏବଂ ସେହି ଟର୍ଚ୍ଚ,କ୍ୟାଣ୍ଡଲ ଭରସା ରେ ହିଁ ପ୍ରସୂତି ଏକ ଶିଶୁ କନ୍ୟାକୁ ଜନ୍ମ ଦେଇଥିଲେ। ଶିଶୁକୁ ଜନ୍ମ ଦେଇଥିଲେ ସତ କିନ୍ତୁ ଛୁଆ ଜନ୍ମ ହେବା ମାତ୍ରେ କାନ୍ଦିବା କଥା। ହେଲେ ଛୁଆଟି ଗରମ ରେ ଅଣନିଶ୍ୱାସୀ ହେବା ସହ କାନ୍ଦିବା ରେ କଷ୍ଟ ଅନୁଭବ କରିଥିଲା। ହେଲେ ଘଣ୍ଟା ଘଣ୍ଟା ଧରି ସ୍ୱାସ୍ଥ୍ୟ କେନ୍ଦ୍ର ରେ ବିଦ୍ୟୁତ ସରବରାହ ବନ୍ଦ ରହିଥିବାରୁ ପ୍ରସୂତି ମହିଳା ଏବଂ କୋମଳମତି ଶିଶୁଙ୍କ ଜୀବନ ମରଣ ସହ ମେଡ଼ିକାଲ କର୍ତ୍ତୃପକ୍ଷ ଖେଳୁଥିବା ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସେପଟେ ସରକାରଙ୍କ ବିକଳ୍ପରେ ଥିବା ନୂତନ ଜେନେରେଟର ରୋଗୀଙ୍କୁ ସେବା ଯୋଗାଇବା ବଦଳରେ ପ୍ରାୟତଃ ସମୟରେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଅଚଳ ହୋଇ ପଡିରହିଛି। ଏପରିକି ଶେରଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଦୀର୍ଘ ବର୍ଷ ଧରି ବୁଢୀଆଣି ଜାଲ ମଧ୍ୟରେ ଛନ୍ଦି ହୋଇଥିବା ବେଳେ ଜିଲ୍ଲାପାଳ ଓ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ କେବେ ବି ସମସ୍ୟା ନେଇ ତତ୍ପରତା ଦେଖାଇ ନାହାନ୍ତି। ସ୍ୱାସ୍ଥ୍ୟ ସେବାର ମୌଳିକ ଅଧିକାରକୁ ନେଇ ଶେରଗଡ ଅଞ୍ଚଳର ସମସ୍ତ ଜନସାଧାରଣ ଓ ବୁଦ୍ଧିଜୀବି ମାନେ ବିଭାଗୀୟ ଅଧିକାରୀ ଙ୍କୁ ବାରମ୍ବାର ଲିଖିତ ଏବଂ ମୌଖିକ ଭାବେ ଅଭିଯୋଗ କରିଥିଲେ। ହେଲେ ଆଜି ପର୍ଯ୍ୟନ୍ତ କୌଣସି ବିଭାଗୀୟ ଅଧିକାରୀ କିମ୍ବା ଜିଲ୍ଲା ପ୍ରଶାସନ ସ୍ୱାସ୍ଥ୍ୟ କେନ୍ଦ୍ର ର କୌଣସି ସ୍ଥାୟୀ ପ୍ରତିକାର ପ୍ରତି କର୍ଣ୍ଣପାତ କରୁନାହାନ୍ତି। ତେଣୁ ଏହାର ପ୍ରତିକାର ନିମନ୍ତେ ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣ ରେ ଦାବି ହେଉଛି। ଏନେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଡଃ ରାଜକୁମାର ସୁବୁଦ୍ଧିଙ୍କ ସହ ଯୋଗାଯୋଗ କରିବାରୁ ସେ ପ୍ରକାଶ କରିଥିଲେ ଯେ, ଶେରଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୨ ଟି ଜେନେରେଟର ରହିଛି। ଗୋଟିଏ ୪ ମାସରୁ ଉର୍ଦ୍ଧ୍ୱ ହେବ ଅଚଳ ହୋଇ ପଡିଥିବା ବେଳେ ଜିଲ୍ଲା ପ୍ରଶାସନକୁ ଅବଗତ କରାଇଛୁ। ଅନ୍ୟଟି ଭ୍ୟାକସିନର ସୁରକ୍ଷା ଲାଗି ମହଜୁଦ ରଖାଯାଇଛି। ହେଲେ ଡକ୍ଟର ସୁବୁଦ୍ଧି କହିବା ପ୍ରକାରେ, ଭ୍ୟାକସିନ ସୁରକ୍ଷା ଲାଗି ମହଜୁଦ ଥିବା ଜେନେରେଟର ମଧ୍ୟ ଅଚଳ ଥିଲା କିନ୍ତୁ ରାତିରେ ମେକାନିକାଲ ଦ୍ୱାରା ସଜଡା ଯାଇଥିଲା। ହେଲେ ଏଠି କଥା ଉଠୁଛି, ଭ୍ୟାକସିନର ସୁରକ୍ଷା ବଡ ନା ପ୍ରସୂତି ଏବଂ ନବଜାତକଙ୍କ ଜୀବନ। ଜେନେରେଟର ଚଲାଇବା ବାବଦରେ ଡଃ ସୁବୁଦ୍ଧି ପ୍ରକାଶ କରିଥିଲେ ଯେ,ଆମକୁ ତେଲ ବଞ୍ଚାଇବାର ଅଛି। ଏଠି ପ୍ରଶ୍ନ ଉଠୁଛି, ମେଡିକାଲ ରେ ବ୍ୟବହୃତ ଜେନେରେଟରର ତେଲ ଲାଗି ହେଉଥିବା ଖର୍ଚ୍ଚ କିଏ ବହନ କରୁଛି,ଯଦି ରାଜ୍ୟ ସରକାର ଖର୍ଚ୍ଚ କରୁଛନ୍ତି ତେବେ ରୋଗୀଙ୍କ ଜୀବନକୁ କାହିଁକି ମରଣ ମୁହଁକୁ ଠେଲି ଦିଆ ଯାଉଛି। ଏଭଳି ସମସ୍ୟାର ସମାଧାନ କେବେ, ଏବଂ ଏଭଳି ଘଟଣାର ତଦନ୍ତ କେବେ ହେବ ଏବଂ ରୋଗୀଙ୍କୁ ମୃତ୍ୟୁ ମୁଖକୁ ଟାଣି ନେଉଥିବା ଦୋଷୀ ଅଧିକାରୀଙ୍କ ବିରୋଧରେ କେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ନାବାଳିକାଙ୍କୁ ଅପହରଣ ଅଭିଯୋଗ

ଦିଗପହଣ୍ଡି,୮।୬(ସମିସ): ଦିଗପହଣ୍ଡି ବ୍ଲକ ଅଧୀନ ଏକ ଗାଁ ହାଇସ୍କୁଲରେ ଚଳିତ ବର୍ଷ ୧୦ ମ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହୋଇଥିବା ୧୫ ବର୍ଷୀୟା ନାବାଳିକା ଛାତ୍ରୀଙ୍କୁ ୯ମ ଶ୍ରେଣୀରେ ପଢୁଥିବା ସେହି ଗ୍ରାମର ଜଣେ ୧୭ ବର୍ଷୀୟ ନାବାଳକ ତାଙ୍କ ମା ବାପାଙ୍କ ସହାୟତାରେ ଅପହରଣ କରି କେଉଁଆଡ଼େ ନେଇଯାଇଥିବା ଅଭିଯୋଗ ହୋଇଛି। ନାବାଳିକାଙ୍କ ମା ଦିଗପହଣ୍ଡି ଥାନାରେ ପହଞ୍ଚି ଅଭିଯୁକ୍ତଙ୍କ ନାଁରେ ଏତଲା ଦେଇଛନ୍ତି। ଆଇଆଇସି କିଶୋର ସାମଲ ଏତଲା ଆଧାରରେ ଅଭିଯୁକ୍ତଙ୍କ ବିରୋଧରେ ମକଦ୍ଦମା ରୁଜୁ କରି ତଦନ୍ତ ଚଳାଇଛନ୍ତି। ଗତ ଶୁକ୍ରବାର ସକାଳ ପ୍ରାୟ ୬ ଟାରେ ନାବାଳିକାଙ୍କ ମା ଗ୍ରାମ ପୋଖରୀକୁ ଗାଧୋଇ ଯାଇଥିବା ବେଳେ ନାବାଳିକା ଜଣକ ଘରେ ଏକୁଟିଆ ଥିବା ସୁଯୋଗ ନେଇ ନାବାଳକ ଜଣକ ତାଙ୍କୁ କେଉଁଆଡ଼େ ନେଇଯାଇଥିବା ଜଣାପଡ଼ିଛି। ମା ପୋଖରୀରୁ ଫେରିବା ପରେ ଘରେ ଥିବା ସାନଝିଅ ସମସ୍ତ ଘଟଣା ତାଙ୍କୁ କହିଥିଲେ। ନାବାଳିକାଙ୍କ ମା ଏବଂ ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ମଧ୍ୟ ନାବାଳିକାଙ୍କ ସନ୍ଧାନ ପାଇଲେ ନାହିଁ। ଏନେଇ ନାବାଳିକାଙ୍କ ମା ସାହିର ମୁଖିଆ ଓ ଭଦ୍ର ଲୋକଙ୍କୁ ଜଣାଇଥିଲେ। ଘଟଣାର ପରଦିନ ନାବାଳକଙ୍କ ମା ଓ ବାପାଙ୍କୁ ଏନେଇ ଫୋନ କରିବାରୁ ଆନ୍ଧ୍ର ପ୍ରଦେଶ ରାଜମହେନ୍ଦ୍ରୀରେ ତାଙ୍କ ଝିଅ ଆମ ଦାୟିତ୍ୱରେ ଅଛି ବୋଲି ନାବାଳିକାଙ୍କ ମାଙ୍କୁ କହିଥିଲେ। ଆମେ ଗାଁକୁ ଆସି ଘଟଣାର ସମାଧାନ କରିବାକୁ ନାବାଳକଙ୍କ ବାପା ପ୍ରତିଶ୍ରୁତି ଦେଇଥିଲେକିନ୍ତୁ ସେମାନେ ଝିଅକୁ ନେଇ ଗାଁ କୁ ଆସିଲେ ନାହିଁ। ନାବାଳିକାଙ୍କ ସାହିର ଜଣେ ଯୁବକ ଏହି ଘଟଣାର ମାଷ୍ଟର ମାଇଣ୍ଡ ହୋଇଥିବା ବେଳେ ତାଙ୍କ ପ୍ରରୋଚନାରେ ତାଙ୍କ ଝିଅକୁ ଅପହରଣ କରାଯାଇଥିବା ଏବଂ ତାଙ୍କୁ ସେମାନେ ଫୋନ ଯୋଗେ ହତ୍ୟା ଧମକ ଦେଇଥିବା ନେଇ ନାବାଳିକାଙ୍କ ମା ଦେଇଥିବା ଏତଲାରେ ଉଲ୍ଲେଖ ରହିଛି ବୋଲି ତଦନ୍ତକାରୀ ଅଧିକାରୀ କହିଛନ୍ତି।

## ୩ ମାସ ହେଲା ମିଳିନି ଭତ୍ତା; ଅପେକ୍ଷାରେ ୯ ହଜାର ହିତାଧିକାରୀ

ଶେରଗଡ,୮।୬(ସମିସ): ଭତ୍ତା ପାଉଥିବା ଅନେକ ହିତାଧିକାରୀଙ୍କ ଲାଗି ପ୍ରତିମାସ ୧୫ ତାରିଖ ପ୍ରତିକ୍ଷିତ ଦିନ କାରଣ ସେହି ସୀମିତ ଅର୍ଥ ସେମାନଙ୍କ ଜୀବନ ଜିଇଁବା ର ସାହାଭରଷା। ହାତକୁ ଭତ୍ତା ଟଙ୍କା ଆସିବା ପୂର୍ବରୁ ଖର୍ଚ୍ଚ ର ତାଲିକା ପ୍ରସ୍ତୁତି ସରିଥାଏ। କିଏ ସେଥିରେ ନିଜର ଔଷଧ ଖର୍ଚ୍ଚ ତୁଲାଇଥାନ୍ତି ତ ଆଉ କିଏ ଘର ଚଳାଇଥାନ୍ତି। ହେଲେ ଅନଲାଇନରେ ଭତ୍ତା ପ୍ରଦାନ ପରଠାରୁ ମାସକୁ ମାସ ଠିକ ସମୟରେ ଭତ୍ତା ମିଳୁନଥିବାରୁ ଭାରି ହନ୍ତସନ୍ତ ହେଉଛନ୍ତି ହିତାଧିକାରୀ। ମାସର ୧୫ ତାରିଖରେ ବୃଦ୍ଧ, ବୃଦ୍ଧା, ଭିନ୍ନକ୍ଷମ ମାନଙ୍କୁ ସାମାଜିକ ସୁରକ୍ଷା ଯୋଜନାରେ ଭତ୍ତା ଅର୍ଥ ପ୍ରଦାନ କରାଯାଉଥିବା ବେଳେ ୦୨ ମାସ ହେଲା ଅନଲାଇନ ହିତାଧିକାରୀ ମାନେ ଭତ୍ତା ନପାଇ ନାନା ସମସ୍ୟା ଭୋଗୁଛନ୍ତି। ଅଫଲାଇନରେ ହାତାହାତି ଭତ୍ତା ପାଉଥିବା ହିତାଧିକାରୀ ନିୟମିତ ଭତ୍ତା ପାଉଥିବା ବେଳେ ବ୍ୟାଙ୍କ ଏକାଉଣ୍ଟରେ ଭତ୍ତା ପାଉଥିବା ହିତାଧିକାରୀ ଆଜି ପର୍ଯ୍ୟନ୍ତ ଭତ୍ତା ନପାଇ ହତୋତ୍ସାହିତ ହୋଇ ପଡିଛନ୍ତି। ସରକାରଙ୍କ କାହିଁକି ଏପରି ପାତରଅନ୍ତର କରୁଛନ୍ତି ବୋଲି ପ୍ରଶ୍ନ କରିଛନ୍ତି ଶେରଗଡ ବ୍ଲକର ସମସ୍ତ ହିତାଧିକାରୀ। ଦିନ ପରେ ଦିନ ଗଡି ଚାଲିଛି, ଏନେଇ ଅସନ୍ତୋଷ ମଧ୍ୟ ତେଜିବାରେ ଲାଗିଛି। ନେସନାଲ ସୋସିଆଲ ଆଶିଷ୍ଟାନ୍ସ ପ୍ରୋଗ୍ରାମ (ଏନଏସପି) ଯୋଜନାରେ ବ୍ଲକର ୫୬୭୦ ଜଣ ହିତାଧିକାରୀ ଇନ୍ଦିରା ଗାନ୍ଧୀ ନ୍ୟାସନାଲ ଓଲଡେଜ ପେନସନ ସ୍କିମରେ ରହିଛନ୍ତି। ଏସବୁ ହିତାଧିକାରୀଙ୍କ ଆକାଉଣ୍ଟକୁ ଟଙ୍କା ଏନଜିଟି ମାଧ୍ୟମରେ ଟ୍ରାନ୍ସଫର ହୋଇଥାଏ। ହେଲେ ଗତ ତିନି ମାସ ହେବ ବ୍ଲକରେ ଥିବା ହିତାଧିକାରୀଙ୍କ ଆକାଉଣ୍ଟକୁ ଟଙ୍କାଯାଇନାହିଁ। ଫଳରେ ଭତ୍ତା ଟଙ୍କା ଉପରେ ନିର୍ଭର କରୁଥିବା ପରିବାର ଏବେ ଆଶା ଆଶଙ୍କାରେ ରହିଛନ୍ତି। ମଧ୍ୟ ପ୍ରାଚ୍ୟ ଯୁଦ୍ଧ ଯୋଗୁଁ ପେଟ୍ରୋଲ, ଡିଜେଲ ସହିତ ଏଲପିଜିର ଦର ବଢିଛି। ଏହା ସହିତ ଦରଦାମ ବି ବଢିଚାଲିଛି। ଏପରି ସ୍ଥିତିରେ ଭତ୍ତା ଟଙ୍କା ଉପରେ ନିର୍ଭର କରି ଚଳୁଥିବା ପରିବାର ଭତ୍ତା ନପାଇ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

## ଘରକୁ ଫେରି ପୁଣି ଯୁବତୀ ନିଖୋଜ!

ପୋଲସରା,୮।୬(ସମିସ): ପୋଲସରା ଥାନା ଅନ୍ତର୍ଗତ ଚିରିକିପଡା ଶାସନ ଗ୍ରାମର ଜଣେ ଯୁବତୀ ନିଖୋଜ ଥିବା ଅଭିଯୋଗ ହୋଇଛି। ପ୍ରେମ ବ୍ୟାପାରକୁ ନେଇ ଝିଅକୁ ସେହି ଗ୍ରାମର ଗଣେଶ ପ୍ରଧାନ ତାଙ୍କୁ ଅପହରଣ କରିଥିବା ଝିଅର ବାପା ଥାନାରେ ଅଭିଯୋଗ କରିଛନ୍ତି। ସୂଚନା ମୁତାବକ ଚିରିକିପଡା ଶାସନ ଗ୍ରାମ ତଳସାହି ଜଣେ ଯୁବତୀଙ୍କ ସହ ଗଣେଶ ପ୍ରଧାନ ନାମକ ଜଣେ ବିବାହିତ ଯୁବକ ଏକପାଖିଆ ପ୍ରେମ କରି କଥା ହେଉଥିଲେ। ୧୮ ମାର୍ଚ୍ଚ ୨୦୨୬ରେ ଗଣେଶ ଯୁବତୀଙ୍କୁ ଅପହରଣ କରିଥିବା ପୋଲସରା ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ ଗତ ମେ ୨୭ରେ ଯୁବତୀ ହଠାତ ଗ୍ରାମରେ ପହଞ୍ଚିଥିଲା ଏବଂ ତା ସହ ଘଟିଥିବା ସବୁ ଘଟଣା କହିଥିଲା। ପାଖାପାଖି ଦେଢ଼ ବର୍ଷ ହେବ ଗଣେଶ ତାକୁ ଏକତରଫ ଭଲପାଇବା ଏବଂ ଘରେ କେହି ନଥିବାବେଳେ ବଳପୂର୍ବକ ଉଠାଇ ନେଇ ଭୁବନେଶ୍ୱରର ଏକ ରୁଟି କମ୍ପାନୀରେ କାମ କରିବା ପାଇଁ ନିୟୋଜିତ କରିଥିଲା। ଯୁବତୀ ନିଜ ଘରେ ପହଞ୍ଚିବା ପରେ ବାପା ତାକୁ ଘରେ ନ ରଖି ପୋଲସରା ଥାନା କେନ୍ଦୁବାଡି ନିଜ ସମ୍ପର୍କୀୟଙ୍କ ଘରେ ଛାଡିଦେଇଆସିଥିଲେ। କିନ୍ତୁ ସେ ପୁଣି ଥରେ ସେଠାରୁ ନିଖୋଜ ହେବା ଖବର ପାଇ ଯୁବତୀଙ୍କ ବାପା ପୁଣିଥରେ ରବିବାର ପୋଲସରା ଥାନାରେ ଝିଅ ନିଖୋଜ ଥିବା ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ପୋଲସରା ଥାନାଧିକାରୀ କୌଶିକ ମାଝୀଙ୍କ ସହ ଯୋଗାଯୋଗ ବେଳେ ଘଟଣାର ତଦନ୍ତ ଚାଲିଛି ବୋଲି ସେ ସୂଚନା ଦେଉଛନ୍ତି।

## ମହେନ୍ଦ୍ରଗିରି ମେଳାରେ କୋହଲା ନୃତ୍ୟ



ଛତ୍ରପୁର,୮।୬(ସମିସ): ପର୍ଶୁରାମ କ୍ଷେତ୍ର ମହେନ୍ଦ୍ରଗିରିର ଅପୂର୍ବ ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ସବୁଜିମାଭରା ବନରାଜି ମଧ୍ୟରେ କୋହଲା ନୃତ୍ୟ ମାଧ୍ୟମରେ ପାରମ୍ପରିକ କଳାକାର ଶ୍ରୀହରିଙ୍କ ଗୁଣଗାନ କରିଛନ୍ତି। ମହେନ୍ଦ୍ର ପର୍ବତରେ ପ୍ରସିଦ୍ଧ ଶୈବପୀଠରେ ଚାଲିଥିବା ମହେନ୍ଦ୍ର ମେଳା, ଯଜ୍ଞ ଏବଂ ଧାର୍ମିକ ଓ ସାଂସ୍କୃତିକ ମହୋତ୍ସବରେ ପ୍ରବଳ ଜନସମାଗମ। ଏଥିରେ ଗଞ୍ଜାମ ଜିଲ୍ଲା ଛତ୍ରପୁର ବ୍ଲକ ଅନ୍ତର୍ଗତ ଘଡଘଡାପଲ୍ଲୀ ସ୍ଥିତ(ଆଇଆରଇ ଛକ) ଶ୍ରୀ ଶ୍ରୀ ଲକ୍ଷ୍ମୀ ନୃସିଂହ କାମିନି ଦାସୁଡୁ ସତ୍ୟମ ସେବା ନୃତ୍ୟ କଳା କେନ୍ଦ୍ର ପକ୍ଷରୁ ସଭାପତି ତଥା କଳା ରତ୍ନ ଏବଂ ଜୟଦେବ ପୁରସ୍କାରପ୍ରାପ୍ତ ବଡ ଦାସୁଡୁ ଡ଼କ୍ଟର ଆର୍. ସତ୍ୟମ ରେଡ୍ଡୀ ଏବଂ ତାଙ୍କ କଳାକାର ଶିଷ୍ୟ) ସାମିଲ ହୋଇ ପରମ୍ପରା ଓ ଆଧ୍ୟାତ୍ମିକ ଚେତନା ସୃଷ୍ଟି କରିଛନ୍ତି। କୋହଲା ନୃତ୍ୟର ତାଳେ ତାଳେ ହରହର ମହାଦେବଙ୍କ ଧ୍ୟାନ କରିବା ସହିତ ଦାସୁଡୁ ନୃତ୍ୟଗୁରୁ ଡ଼କ୍ଟର ଆର ସତ୍ୟମ୍ ରେଡ୍ଡୀଙ୍କ ନେତୃତ୍ୱରେ ଶିଷ୍ୟମାନେ ଭକ୍ତଙ୍କୁ ଚମତ୍କୃତ୍ କରିଦେଇଥିଲା। ଅଗ୍ନି ମଶାଲ ଅବା କୋହଲା ନୃତ୍ୟ ପ୍ରଦର୍ଶନରେ ଏହି ଭକ୍ତିବାଦର ଦଳ ସମୂହଙ୍କ ନୃତ୍ୟ, ବାଦ୍ୟ, ଝାଞ୍ଜରେରେ ମୁଖରୀତ ହୋଇ ଉଠିଥିଲା।

## ସୁରକ୍ଷା ବ୍ୟବସ୍ଥା ନ ଥିବାରୁ ଡାକ ମଣ୍ଡଳରେ ନିଆଁ ଲାଗିଥିବା ଅଭିଯୋଗ

ଆସିକା,୮।୬(ସମିସ): ଉପଯୁକ୍ତ ସୁରକ୍ଷା ବ୍ୟବସ୍ଥା ନ ଥିବାରୁ ରବିବାର ଛୁଟି ଦିନରେ ଆସିକା ସ୍ଥିତ ଡାକ ମଣ୍ଡଳ, ଆସିକାରେ ଆକସ୍ମିକ ଅଗ୍ନିକାଣ୍ଡ ଘଟିଥିଲା। ଏହି ନିଆଁକୁ ଆୟତ୍ତ କରିବାକୁ ଆସିକା, କବିସୂର୍ଯ୍ୟନଗର, ଶେରଗଡ଼ ଓ ଧରାକୋଟ ଅଗ୍ନିଶମ ବିଭାଗ ୨୪ ଘଣ୍ଟାର ଅକ୍ଳାନ୍ତ ପରିଶ୍ରମରେ ଆୟତ୍ତ ହୋଇଛି ନିଆଁ। ଏଥିରେ ଲକ୍ଷ୍ୟ ଲକ୍ଷ୍ୟ ଟଙ୍କାର ଆସବା ପତ୍ର, ନଥି ପତ୍ର ଓ କମ୍ପ୍ୟୁଟର, ଏସି, କୁଲର ସହ



ବହୁ ଗୁରୁତ୍ୱ ପୂର୍ଣ୍ଣ କାଗଜ ପତ୍ର ସବୁ ପୋଡି ପାଉଁଶ ହୋଇ ଯାଇଛି। ଆସିକା ବସଷ୍ଟାଣ୍ଡରେ ଥିବା ଡାକ ମଣ୍ଡଳ କାର୍ଯ୍ୟାଳୟକୁ ସେବେ ଅତି ତରବରିଆ ଭାବରେ ସୁରକ୍ଷା ବ୍ୟବସ୍ଥା ନ ଥାଇ ଆସିକା ହେଡ଼ ଅଫିସର ଉପର ମହଲାକୁ ସ୍ଥାନାନ୍ତରିତ କରିବାରୁ ଏହି ଅଗ୍ନିକାଣ୍ଡ ଘଟଣା ଘଟି ଥିବା ଅବସରକାଳୀନ କର୍ମଚାରୀ ଅଭିଯୋଗ ଆଣିଛନ୍ତି। ଏହି ଡାକ ମଣ୍ଡଳ ସ୍ଥାନାନ୍ତରିତ ବେଳେ ଟ୍ରେଡ଼ ୟୁନିୟନ ନେତା ସୁରକ୍ଷା ଦୃଷ୍ଟି କୋଣରୁ ସ୍ଥାନାନ୍ତତିତ କରିବାକୁ ବିରୋଧ କରି ଥିଲେ।

## ପୋଲସରାରେ ଦ୍ୱିତୀୟ ପର୍ଯ୍ୟାୟ ପୋଷଣ ପ୍ରଶିକ୍ଷଣ ଶିବିର

ପୋଲସରା, ୭।୬(ସମିସ):ପୋଲସରାରେ ଦ୍ୱିତୀୟ ପର୍ଯ୍ୟାୟ ପୋଷଣ ପ୍ରଶିକ୍ଷଣ ଶିବିର ସଫଳତା ପୂର୍ବକ ଆୟୋଜିତ ହୋଇଯାଇଛି। ପୋଲସରା ବ୍ଲକ ସିଡ଼ିପିଓ କାର୍ଯ୍ୟାଳୟ ପକ୍ଷରୁ ସ୍ଥାନୀୟ ମାତୃଶକ୍ତି କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ତ୍ରିଦିବସୀୟ କାର୍ଯ୍ୟକ୍ରମଟି ସିଡ଼ିପିଓ ତିଳୋତମା ରାଉତଙ୍କ ତତ୍ତ୍ୱାବଧାନରେ ସମ୍ପନ୍ନ ହୋଇଥିଲା। ଏଥିରେ ମୋଟ ୭ଟି ସେକ୍ଟରରୁ ୧୦୦ ଜଣ ଅଙ୍ଗନବାଡି କର୍ମୀମାନେ ଯୋଗଦେଇଥିଲେ। ସୂଚନା ଯୋଗ୍ୟ ଯେ, ପୋଲସରା ବ୍ଲକର ୨୬ଟି ପଞ୍ଚାୟତ ସମେତ ପୌରପରିଷଦର ମୋଟ ୧୯ଟି ୱାର୍ଡକୁ ମିଶାଇ ସର୍ବମୋଟ ୨୧୪ ଗୋଟି ଅଙ୍ଗନବାଡି କେନ୍ଦ୍ର ରହିଛି। ସେଥିମଧ୍ୟରୁ ପୂର୍ବରୁ ଅନୁଷ୍ଠିତ ପ୍ରଥମ ପର୍ଯ୍ୟାୟ ଏହି ତାଲିମ ଶିବିରରେ ୧୧୪ ଜଣ ଅଙ୍ଗନବାଡି କର୍ମୀ ଯୋଗ ଦେଇସାରିଥିଲେ । ସରକାରଙ୍କ ନିୟମ ଅନୁଯାୟୀ ୬ ବର୍ଷରୁ କମ୍ ଶିଶୁଙ୍କୁ ଆବଶ୍ୟକତା ଅନୁପାତରେ ସ୍ୱାସ୍ଥ୍ୟ ବର୍ଦ୍ଧକ ବିଭିନ୍ନ ପ୍ରକାର ପୌଷ୍ଟିକ ଖାଦ୍ୟ ସହିତ 'ପୋଷଣ ଭି, ପଢାଇ ଭି' ଅଭିଯାନ ଉପରେ ପୁଙ୍ଖାନୁପୁଙ୍ଖ ଭାବେ ପ୍ରଶିକ୍ଷଣ ଦିଆଯାଇଥିଲା। ଏହି ଅବସରରେ ସିଡ଼ିପିଓ ଉପସ୍ଥିତ



ସମସ୍ତ କର୍ମୀଙ୍କୁ ତାଲିମ ଗ୍ରହଣ କରିସାରିବା ପରେ ସରକାରଙ୍କ ଏହି ଅତି ମହତ୍ୱାକାଂକ୍ଷି ଯୋଜନା କିଭଳି ଭାବେ ସଫଳ ହେବ ସେଥିପ୍ରତି ବିଶେଷ ଭାବେ ଧ୍ୟାନ ଦେଇ ନିଷ୍ଠାର ସହିତ କର୍ତ୍ତବ୍ୟବୋଧ ପରାୟଣ ହୋଇ ନିଜ ନିଜର କ୍ଷେତ୍ରରେ କାମ କରିବାକୁ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମରେ ଅଙ୍ଗନବାଡି କର୍ମୀମାନଙ୍କ ଦ୍ୱାରା ନିଜ ହାତରେ ପ୍ରସ୍ତୁତ ବିଭିନ୍ନ ପ୍ରକାର ପୁଷ୍ଟିକର ଖାଦ୍ୟ, ଖେଳନା ଏବଂ ଶିକ୍ଷଣୀୟ ଉପକରଣ ପ୍ରଦର୍ଶନ କରିଥିଲେ। ଅଞ୍ଚଳ ପରିଦର୍ଶିକା ସୁରଭି କୁସୁମ ଦାସ, ସବିତା ଶବର, ଜୟନ୍ତୀ ସାବତ ଓ ମୁକ୍ତାଦେବୀ ପ୍ରମୁଖ ମିଳିତଭାବେ ପରିଚାଳନା ଏବଂ ପ୍ରଶିକ୍ଷଣଦେଇଥିବାବେଳେ ପୋଷଣ ବ୍ଲକ ସଂଯୋଜକ ଅବିନାଶ ଚୌଧୁରୀ ବ୍ଲକ୍ ପ୍ରକଳ୍ପ ସଂଯୋଜକ ମିଶନ ଶକ୍ତିର ନିଳାଞ୍ଚଳ ସାହୁଙ୍କ ସମେତ ସଭାନେତ୍ରୀ ଜ୍ୟୋସ୍ନାରାଣୀ ମିଶ୍ର ଓ ସମ୍ପାଦିକା ରାଜଲକ୍ଷ୍ମୀ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ସିଡ଼ିପିଓ ମହୋଦୟା ଏହି ଯୋଜନାର ସଫଳ ରୂପାୟନର ଆଶା ପୋଷଣ କରି ଶିବିରରେ ଯୋଗଦେଇଥିବା ସମସ୍ତ ଅଙ୍ଗନବାଡି କର୍ମୀ ଏବଂ ଅନ୍ୟ ସହଯୋଗୀଙ୍କୁ ଆନ୍ତରିକ ଧନ୍ୟବାଦ ଦେଇଥିଲେ।

### ଫାସି ଆର୍‌ଆଇଙ୍କ ପ୍ରତି ବଢୁଛି ଅସନ୍ତୋଷ

## କାର୍ଯ୍ୟାନୁଷ୍ଠାନ ଦାବି କଲେ ଅଞ୍ଚଳବାସୀ

କୋଦଳା,୮।୬(ସମିସ): ଜନସାଧାରଣଙ୍କୁ ସେବା ଯୋଗାଇଦେବା ପାଇଁ ସରକାରୀ କର୍ମଚାରୀ ନିଯୁକ୍ତି ହୋଇଛନ୍ତି। କିନ୍ତୁ ସେବା ଯୋଗାଇ ଦେବା ଦୂରର କଥା ଲୋକଙ୍କୁ କିଭଳି ବ୍ୟବହାର କରାଯିବ ତାହା ବି କିଛି କର୍ମଚାରୀଙ୍କୁ ଜଣା ନାହିଁ। ଏମିତି ଏକ ସରକାରୀ କର୍ମଚାରୀ ଏବେ ବିବାଦ ଘେରକୁ ଆସିଛନ୍ତି। ସେ ହେଲେ ଗଞ୍ଜାମ ଜିଲ୍ଲା କୋଦଳା ତହସିଲ ଅନ୍ତର୍ଗତ ଫାସି ଆର୍ ଆଇ ସୁନୀଲ ସାହୁ। ସାଧାରଣ ଲୋକଙ୍କୁ କଥା କଥାକେ ଧମକ ଦେଉଛନ୍ତି। ୩ ଜଣଙ୍କ ନାମରେ ଆର୍ ଆଇ ମିଥ୍ୟା କେଶ୍ ରୁଜୁ କରିଥିବା ଅଭିଯୋଗ ହେଉଛି। ଜଣେ ଭାରତୀୟ ସେନାର ଯବାନ୍‌ଙ୍କ ନାମରେ ମଧ୍ୟ ସେ ମିଥ୍ୟା ମୋକଦ୍ଦମା କୋଦଳା କୋର୍ଟରେ କରିଥିବା କହିଛନ୍ତି ଆଇନଜୀବୀ ଆଲୋକ ହୋତା। ଶହ ଶହ ଛାତ୍ରଛାତ୍ରୀ ମାନେ ଏହି ଅଫିସକୁ ବିଭିନ୍ନ ପ୍ରମାଣ ପତ୍ର ପାଇଁ ଯାଇ ଆର୍ ଆଇଙ୍କ ଠାରୁ ଆକ୍ରୋଶର ଶିକାର ହୋଇଥିବା ଅଭିଯୋଗ ହେଉଛି। ଦୀର୍ଘ ବର୍ଷ ଧରି କୋଦଳା ତହସିଲ କାର୍ଯର୍ୟାଳୟ ଅଧୀନରେ ଏହି ଆର୍ ଆଇ କାର୍ଯ୍ୟ କରୁଥିବା ବେଳେ ଗତ ୮ ମାସ ତଳେ ତାଙ୍କର ବଦଳି ହୋଇଥିଲା। କିନ୍ତୁ ସେତେବେଳେ ତହସିଲଦାର ସସ୍ମିତା ଶତପଥୀ ଆର୍ ଆଇ ଅଭାବ ଯୋଗୁଁ ତାଙ୍କୁ ରଖିଥିଲେ। ହେଲେ ଏବେ ଆର୍ ଆଇଙ୍କ ରୋମ୍ବ ଚରମ ସୀମାରେ ପହଞ୍ଚିଛି। ଗତ କିଛି ଦିନ ତଳେ ପ୍ରଶ୍ନ ପଚାରିବାରୁ ଦୁର୍ବ୍ୟବହାର କରୁଥିବା ନେଇ ଏକ ଭିଡିଓ ଭାଇରାଲ ହୋଇଥିଲା। ମଠ ସରସିଂର ଗୁଲସନ୍ କର ନାମକ ଜଣେ ଛାତ୍ର ଆବଶ୍ୟକ କାଗଜପତ୍ର ଦାଖଲ କରି ମଧ୍ୟ ଜାତିଗତ ପ୍ରମାଣପତ୍ର ପାଇ ନଥିବା ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ ସୋମବାର ବହୁ ଗଣମାଧ୍ୟମ ପ୍ରତିନିଧି କୋଦଳା ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ତୁରନ୍ତ ପଦକ୍ଷେପ ନିଆଯାଉ ବୋଲି ଦାବି କରିଛନ୍ତି। ସେପଟେ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଛନ୍ତି କୋଦଳା ତହସିଲଦାର ବିନ୍ଦୁ ବଳୟ ରାଉତରାୟ।



### ● ଫଳକ ବଦଳାଇବାରୁ ବିଦ୍ୟାଳୟ ରଣକ୍ଷେତ୍ର ପାଲଟିବା ଘଟଣା

# ଦୁଇଟି ଫଳକ କିଏ ଓ କାହିଁକି ନିର୍ମାଣ କରିଥିଲା

ଖଲ୍ଲିକୋଟ,୮।୬(ସମିସ)

ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ କୋମଣ୍ଡ ପଂଚାୟତ ର ବଡରାମପଲ୍ଲୀ ଗ୍ରାମ ରେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ରବିବାର ଗୋଦାବରୀଶ ମିଶ୍ର ଆଦର୍ଶ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭିତ୍ତି ପ୍ରସ୍ତର ଉତ୍ସବରେ ଘଟିଥିବା ଅପ୍ରୀତିକର ପରିସ୍ଥିତି ପାଇଁ ଦାୟୀ କିଏ? ସେଠାରେ ଲଗାଇବା ପାଇଁ ଗୋଟିଏ ପରିବର୍ତ୍ତେ ଦୁଇଟି ଫଳକ କିଏ ଓ କାହିଁକି ନିର୍ମାଣ କରିଥିଲା? ପ୍ରଥମ ଫଳକ ରେ ସାଂସଦ ଅନିତା ଶୁଭଦର୍ଶିନୀଙ୍କ ନାମ ପ୍ରଥମରେ ଓ ବିଧାୟକଙ୍କ ନାମ ଦ୍ୱିତୀୟରେ ଲେଖା ଯାଇଥିବା ବେଳେ ଦ୍ୱିତୀୟ ଫଳକ ରେ ବିଧାୟକ ପୂର୍ଣ୍ଣ ଚନ୍ଦ୍ର ସେଠିଙ୍କ ନାମ ପ୍ରଥମେ ଓ ସାଂସଦଙ୍କ ନାମ ଦ୍ୱିତୀୟରେ ଲେଖା ଯାଇଥିଲା। ଏଭଳି ଘଟଣା ସାଂସଦ ଓ ବିଧାୟକ ଗୋଷ୍ଠୀ ମଧ୍ୟରେ ପୂର୍ବରୁ ଲାଗି ରହିଥିବା ଦଳୀୟ ଗୋଷ୍ଠୀ କନ୍ଦଳରୁ ଘଟିଛି ନା ପ୍ରଶାସନିକ ଅଧିକାରୀଙ୍କ ଦାୟିତ୍ୱ ହୀନତାରୁ ଘଟିଛି ଏବେ ଖଲ୍ଲିକୋଟ ଅଞ୍ଚଳରେ ସାଧାରଣ ଲୋକଙ୍କ ମଧ୍ୟରେ ଚର୍ଚ୍ଚା ଜୋର ଧରିଛି। ବିଜେଡି ଶାସନରେ ଅତିଷ୍ଠ ହୋଇ ଲୋକେ ପରିବର୍ତ୍ତନ ପାଇଁ ବିଜେପି ପ୍ରାର୍ଥୀମାନଙ୍କୁ ବିପୁଳ ଭୋଟ ଦେଇ ଶାସନ କ୍ଷମତାକୁ ଆଣିଥିଲେ। କିନ୍ତୁ କ୍ଷମତାକୁ ଆସିବାର ମାତ୍ର ଦୁଇ ବର୍ଷ ମଧ୍ୟରେ ସାଂସଦ ଗୋଷ୍ଠୀ ଓ ବିଧାୟକ ଗୋଷ୍ଠୀ ଭାବେ ଦଳୀୟ କନ୍ଦଳ ସୃଷ୍ଟି ହୋଇ ଖଲ୍ଲିକୋଟରେ ବିଜେପି ଦଳ ବର୍ତ୍ତମାନ ଦୁଇ ଭାଗରେ ବିଭକ୍ତ ହୋଇଛି ବୋଲି ଦେଖିବାକୁ ମିଳୁଛି। ଦଳ ମଧ୍ୟରେ ଗୋଷ୍ଠୀ ବିଭାଜନକୁ ରୋକିବା ପାଇଁ ଗତ ୫ ତାରିଖରେ ରାଜ୍ୟ ବିଜେପିର ଶୀର୍ଷ ନେତୃତ୍ୱମାନେ ସାଂସଦ ଓ ବିଧାୟକଙ୍କୁ ସେମାନଙ୍କ ସମର୍ଥକମାନଙ୍କ ସହିତ ଭୁବନେଶ୍ୱର ଦଳୀୟ କାର୍ଯ୍ୟାଳୟକୁ ଡକାଇ ଏକ ବୈଠକ ମାଧ୍ୟମରେ ସମସ୍ତେ ଏକ ହୋଇ ଦଳ ପାଇଁ କାମ କରିବାକୁ ପରାମର୍ଶ ଦେଇଥିଲେ ବୋଲି ଏକ ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ଭୁବନେଶ୍ୱର ରେ ଆୟୋଜିତ ଏହି ବୈଠକରେ ସାଂସଦ ଅନିତା ଶୁଭଦର୍ଶିନୀ, ବିଧାୟକ ପୂର୍ଣ୍ଣ ଚନ୍ଦ୍ର ସେଠି







ସେମାନଙ୍କ ସମର୍ଥକଙ୍କ ସହିତ ଉପସ୍ଥିତ ଥିବା ବେଳେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ଦଳର ସାଙ୍ଗଠନିକ ସମ୍ପାଦକ ମାନସ ଦାସ, ଆଇନ ମନ୍ତ୍ରୀ ପୃଥ୍ୱୀ ରାଜ ହରିଚନ୍ଦନଙ୍କ ସମେତ ଦଳର ଶୀର୍ଷ ନେତୃତ୍ୱ ଉପସ୍ଥିତ ଥିଲେ। କିନ୍ତୁ ଦଳର ଶୀର୍ଷ ନେତୃତ୍ୱମାନଙ୍କ ପରାମର୍ଶ ନେବାର ଗୋଟିଏ ଦିନ ପରେ ଅର୍ଥାତ ୭ ତାରିଖ ଦିନ ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ବଡରାମପଲ୍ଲୀ ଗ୍ରାମ ରେ ଅନୁଷ୍ଠିତ ଗୋଦାବରୀଶ ମିଶ୍ର ଆଦର୍ଶ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ଭିତ୍ତି ପ୍ରସ୍ତର ଉତ୍ସବରେ ଫଳକରେ ନାମ କ୍ରମକୁ ନେଇ ଖୋଦ ସାଂସଦ ଓ ବିଧାୟକଙ୍କ ଉପସ୍ଥିତିରେ ସେମାନଙ୍କ ସମର୍ଥକ, ପ୍ରଶାସନିକ ଅଧିକାରୀ ଓ ପୁଲିସ ଅଧିକାରୀଙ୍କୁ ନେଇ ଯେଉଁଭଳି ଭାବେ ଉତ୍ତେଜନା ସୃଷ୍ଟି ହେଲା ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଥିଲା। ଗୋଟିଏ ଦଳର ବିଧାୟକ ଓ ସାଂସଦ ଗୋଷ୍ଠୀଙ୍କ ମଧ୍ୟରେ ଉତ୍ତେଜନା ଦଳୀୟ କନ୍ଦଳକୁ ଚରମ ସୀମାରେ ପହଞ୍ଚାଇ ଦେଇଥିବା ଭଳି ଲାଗୁଥିଲା। ତେବେ ବର୍ତ୍ତମାନ ସାଧାରଣ ଲୋକଙ୍କ ମଧ୍ୟରେ ବିଭିନ୍ନ ପ୍ରଶ୍ନ ଉଙ୍କି ମାରୁଛି। ଦୁଇଟି ଫଳକ କିଏ ଓ କାହିଁକି ନିର୍ମାଣ କରିଥିଲେ। ଭିତ୍ତିପ୍ରସ୍ତର ସ୍ଥଳରେ ଲାଗିଥିବା ପ୍ରଥମ ଫଳକକୁ କାହା ନିର୍ଦ୍ଦେଶରେ ବାହାର କରାଯାଇ ଦ୍ୱିତୀୟ ଫଳକ ଲଗାଗଲା। ଦଳ ଭିତରେ ଚାଲିଥିବା ଉଗ୍ର ଗୋଷ୍ଠୀ କନ୍ଦଳକୁ ରୋକିବା ପାଇଁ ଏବେ ବିଜେପିର ରାଜ୍ୟ ନେତୃବୃନ୍ଦ କି ପଦକ୍ଷେପ ନେଉଛନ୍ତି ତାହା ଦେଖିବାକୁ ବାକି ରହିଲା।

## ଦିଗପହଣ୍ଡି ବ୍ଲକ ପୁରାତନ ଛାତ୍ରସଂଘର ଆଲୋଚନା



ଦିଗପହଣ୍ଡି,୮।୬(ସମିସ): ଦିଗପହଣ୍ଡି ବ୍ଲକ ୧୯୮୨ ମାଟ୍ରିକ ବ୍ୟାଚ ପୁରାତନ ଛାତ୍ରସଂଘର ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଶ୍ରୀ ଗୁପ୍ତେଶ୍ୱର ଶୈବପୀଠ ପରିସରରେ ଆୟୋଜିତ ସଭାରେ ସଂଘର ସଭାପତି ରାଜେନ୍ଦ୍ର ସାହୁ ଅଧ୍ୟକ୍ଷତା କରିଥିଲେ। ସଭାରେ ପ୍ରଥମ ବୈଠକର ବିବରଣୀ ପାଠ କରାଯିବା ପରେ ସଂଘର ନୂତନ ସଭ୍ୟା ସଭ୍ୟ ସଂଗ୍ରହ ଏବଂ ସାଙ୍ଗଠନିକ ଅଭିବୃଦ୍ଧି ନେଇ ବିସ୍ତୃତ ଆଲୋଚନା କରାଯିବା ପରେ ବିଧିବଦ୍ଧ ପ୍ରସ୍ତାବ ଗୃହୀତ କରାଯାଇଥିଲା। ସଂଘ ପକ୍ଷରୁ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ,ମଠ,ମନ୍ଦିର ସଫେଇ,ଆଗାମୀ ବର୍ଷା ଋତୁ ରେ ଛାୟା ପ୍ରଦାନକାରୀ ଏବଂ ବିଭିନ୍ନ କିସମର ବୃକ୍ଷ ଚାରା ରୋପଣ, ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ଅସହାୟ ମେଧାବୀ ଛାତ୍ରୀ ଛାତ୍ର ମାନଙ୍କୁ ଶିକ୍ଷା ଉପକରଣ ବଣ୍ଟନ ପାଇଁ ସଂଘର ଉପଦେଷ୍ଟା ପୂର୍ବତନ କାଉନସିଲର ଅଳକ ନାଥ ମିଶ୍ର ପ୍ରସ୍ତାବ ଦେଇଥିଲେ। ସଂଘ ପକ୍ଷରୁ ବିଭିନ୍ନ ସରକାରୀ ସ୍କୁଲର ଅଭାବ ଅସୁବିଧା ତଥ୍ୟ ସଂଗ୍ରହ କରାଯାଇ ଶିକ୍ଷା ବିଭାଗ ଓ ପ୍ରଶାସନ ର ଦୃଷ୍ଟି ଆକର୍ଷଣ ପାଇଁ ସଭାରେ ସବିଶେଷ ଆଲୋଚନା କରାଯାଇଥିଲା। ଆସନ୍ତା ଅଗଷ୍ଟ ଶେଷ ସପ୍ତାହ ରେ ସଂଘ ପକ୍ଷରୁ ଉତ୍ସବ କରାଯିବା ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା।ସଭାରେ ସଂଘ ସମ୍ପାଦକ ଶିକ୍ଷକ କାଳୁ ଚରଣ ପାଣିଗ୍ରାହୀ,କୋଷାଧ୍ୟକ୍ଷ ଆଦିତ୍ୟ ମହାରଣା,ସହ କୋଷାଧ୍ୟକ୍ଷ ପ୍ରଭାକର ସେଠୀ ଏବଂ କାର୍ଯ୍ୟକାରୀ କମିଟିର ସଦସ୍ୟ ବୃନ୍ଦ ବିଭିନ୍ନ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସଭାରେ ସଂଘର ସଂଖ୍ୟାଧିକ ସଦସ୍ୟ ଉପସ୍ଥିତ ଥିଲେ।

# ଜନଶୁଣାଣିରେ ଭତ୍ତା ହିତାଧିକାରୀଙ୍କ ହୋ- ହଲ୍ଲା

ଦିଗପହଣ୍ଡି,୮।୬(ସମିସ): ଦିଗପହଣ୍ଡି ବ୍ଲକ ଚଷାନିମଖଣ୍ଡି ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ପଞ୍ଚାୟତ ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜନଶୁଣାଣି ସମୟରେ ପଞ୍ଚାୟତ ଅଧିନ ବିଭିନ୍ନ ଗ୍ରାମର ବହୁ ସଂଖ୍ୟକ ବୃଦ୍ଧା ବୃଦ୍ଧ, ଦିବ୍ୟାଙ୍ଗ ୩ ମାସ ହେଲା ଭତ୍ତା ଟଙ୍କା ପାଇନଥିବା ନେଇ ଉପସ୍ଥିତ ପ୍ରଶାସନିକ ଅଧିକାରୀ ମାନଙ୍କ ନିକଟରେ ଅଭିଯୋଗ କରିବା ସହ ହୋ -ହଲ୍ଲା କରିଥିଲେ। ଯେଉଁ ହିତାଧିକାରୀ ମାନେ ଅନଲାଇନ ଯୋଗେ ଆବେଦନ କରିଛନ୍ତି ସେମାନଙ୍କ ଭତ୍ତା ଟଙ୍କା ବ୍ୟାଙ୍କକୁ ଆସୁନାହିଁ। ହିତାଧିକାରୀ ମାନେ ବାରମ୍ବାର ପଞ୍ଚାୟତ ଅଫିସ , ବ୍ଲକ କାର୍ଯ୍ୟାଳୟ ଏବଂ ବ୍ୟାଙ୍କକୁ ଯାଇ ନୟାନ୍ତ ହୋଇ ସାରିଲେଣି। ଜନଶୁଣାଣି ଶିବିରରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉମେଶ ସେଠୀ , ଅତିରିକ୍ତ ତହସିଲଦାର ଆଶିଷ କୁମାର ନାୟକ , ସିଡିପିଓ ଗିତାଞ୍ଜଳୀ ବେହେରା , ସ୍ଥାନୀୟ ସରପଞ୍ଚ ମିନତୀ କୁମାରୀ ଜାନୀ , ସରପଞ୍ଚ ପ୍ରତିନିଧି ରବିଚନ୍ଦ୍ର ଗୌଡ, ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରଭାସିନୀ ଶବର , ଏଡିଓ ପ୍ରଦୀପ ମଲିକ , ରାଜସ୍ୱ ନୀରିକ୍ଷକ ଅମିତ କୁମାର ସ୍ୱାଇଁ , ଘୋଡାହାଡ ଜଳସେଚନ ସହକାରୀ ଯନ୍ତ୍ରୀ ଇଂ. ଦେବରାଜ ଗୌଡ , ସହଗୋଷ୍ଠୀ ଶିକ୍ଷାଧିକାରୀ ବାଲା ମାଝୀ , ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ଇଂ. ଲଡୁକିଶୋର ବେହେରା , ସହକାରୀ ମତ୍ସ୍ୟ ଅଧିକାରୀ ଜୟଭଦ୍ର ମହାରଣା , ସିଆରସିସି ସିମାଞ୍ଚଳ ଗୌଡ ଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଜନଶୁଣାଣୀରେ ମାତ୍ର ୫ ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା ।ଏହି ଶୁଣାଣୀ କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର କାର୍ଯ୍ୟରତ ଅଧିକାରୀ ଓ କର୍ମଚାରୀ ବୃନ୍ଦ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଗୋଟିଏ ପରିବାର ତିନି ଜଣଙ୍କୁ ଆକ୍ରମଣ ଘଟଣା; ତିନି ଭାଇ ଗିରଫ



ଆସିକା,୮।୬(ସମିସ): ଶୁକ୍ରବାର ରାତ୍ରୀରେ ଆସିକା ଥାନା ଅନ୍ତର୍ଗତ ମଙ୍ଗଳପୁର ଗ୍ରାମରେ ଗୋଟିଏ ପରିବାରର ଦୁଇ ଭାଇ ଓ ମା ଆକ୍ରମଣ ଘଟଣାରେ ପୋଲିସ ଦ୍ୱାରା ତିନି ଭାଇଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ସୂଚନା ଥାଉ କି କିଛି ଜାଗା ବାଡ଼ିକୁ କେନ୍ଦ୍ରକରି ଗୋଟିଏ ପରିବାର ତିନି ଜଣ ଆସି ଅନ୍ୟ ଏକ ପରିବାରର ଘର ଭିତରେ ପଶି କାଠ ଫାଳିଆରେ ଆକ୍ରମଣ ପରେ ଗୁରୁତର ଅବସ୍ଥାରେ ମା, ଦୁଇ ପୁଅ ତିନି ଜଣଙ୍କୁ ପ୍ରଥମେ ଆସିକା ଓ ପରେ ଦୁଇ ଭାଇଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଥିଲା । ପରେ ଏ ନେଇ ଆକ୍ରମଣକାରୀଙ୍କ ବିରୋଧ ରେ ଆସିକା ଥାନାରେ ଏକ ମାମଲା ରୁଜୁ ହୋଇ ଥିଲା । ଆସିକା ଥାନା କେଶ ନମ୍ବର ୨୯୧/୨୬ ରେ ମାମଲା ରୁଜୁ କରି ପୋଲିସ ତିନି ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରି ଥିବା ବେଳେ ତିନି ଜଣ ହେଲେ ମଙ୍ଗଳପୁର ଗାଁର ପ୍ରତାପ ମହାରଣା, କାହ୍ନା ମହାରଣା ଓ ଜଗନ୍ନାଥ ମହାରଣା ବୋଲି ପୋଲିସ ସୂଚନା ଦେଇଛନ୍ତି ।

# ଦୁର୍ଘଟଣାଗ୍ରସ୍ତ ଯୁବକଙ୍କୁ ନିଜ ଗାଡ଼ିରେ ମେଡିକାଲ ନେଲେ ବିଧାୟକ

ଛତ୍ରପୁର, ୮।୬(ସମିସ): ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକଙ୍କ ମହାନତା ଦେଖିବାକୁ ମିଳିଛି । ଜଣେ ଦୁର୍ଘଟଣା ଗ୍ରସ୍ତ ଯୁବକଙ୍କୁ ଉଦ୍ଧାର କରି ନିଜେ ଗାଡିରେ ଛତ୍ରପୁର ମେଡିକାଲରେ ଭର୍ତ୍ତି କରିଛନ୍ତି। ବିଧାୟକ ଶ୍ରୀ ନାୟକ ପାଲୁରୁ ଛକରୁ ଛତ୍ରପୁର ଅଭିମୁଖେ ଯାତ୍ରା କରୁଥିବା ସମୟରେ ଗଡ଼ହୁମ୍ମା ନିକଟସ୍ଥ ଜାତୀୟ ରାଜପଥରେ ଏସ. ଜଗଦୀଶ ଆଚାରୀ ନାମକ ଜଣେ ଯୁବକ ସଡ଼କ ଦୁର୍ଘଟଣାରେ ଆହତ ହୋଇଥିବା ଦେଖି ତାଙ୍କୁ ତୁରନ୍ତ ବିଧାୟକ ନିଜ ଗାଡ଼ିରେ ନେଇ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିବା ସହ ଆବଶ୍ୟକ ଚିକିତ୍ସା ବ୍ୟବସ୍ଥା କରାଯାଇଥିଲା । ଏହାସହିତ ଆହତ ଯୁବକଙ୍କ ଶୀଘ୍ର ଆରୋଗ୍ୟ ଓ ସୁସ୍ଥ ଜୀବନ କାମନା କରିଥିଲେ। ବିଧାୟକଙ୍କ ଏଭଳି କାର୍ଯ୍ୟକୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି ।



# ଶତାଧିକ କା ଗି ଜବତ କଲା ଶାସନ



ବେଲଗୁଣ୍ଠା,୮।୬(ସମିସ): ବେଲଗୁଣ୍ଠା ପ୍ରଶାସନ ଚଢ଼ାଉ କରି ଶତାଧିକ କାକପୋଇ କାଠ ଗଣ୍ଡି ଜବତ କରିଥିବା ସୂଚନା ମିଳିଛି । ସୂଚନା ପ୍ରକାରେ ବେଲଗୁଣ୍ଠା ବ୍ଲକ୍ ଗୋବରା ନିକଟସ୍ଥ ଷଡ଼ଙ୍ଗୀପଲ୍ଲୀ- ବରପଲ୍ଲୀ ରାସ୍ତା ପାର୍ଶ୍ୱରେ ଥିବା ଏକ ଜମିରେ ଶତାଧିକ କାଠ ଗଣ୍ଡି ଥିବା ଖବର ପାଇ ବେଲଗୁଣ୍ଠା ତହସିଲଦାର କଳାକୃଷ୍ଣ ପ୍ରଧାନ, ଗାଙ୍ଗପୁର ଥାନା ଅଧିକାରୀ ବନ ବିହାରୀ ପ୍ରଧାନ, ନେଟେଙ୍ଗା ରାଜସ୍ୱ ନୀରିକ୍ଷକ ସନ୍ତୋଷ କୁମାର ବେହେରା, ଗୋବରା ରାଜସ୍ୱ ନୀରିକ୍ଷକ ସନ୍ତୋଷୀନି ନାୟକ,ହାବିଲଦାର ଆପାୟା ପ୍ରଧାନ, କାଳିଆମ୍ବା ବନ କର୍ମଚାରୀ ଏବଂ ଗାଙ୍ଗପୁର ଥାନାର ପୋଲିସ୍ କର୍ମଚାରୀ ସଂପୃକ୍ତ ଜମିରେ ପହଞ୍ଚି ସେଠାରେ ଥିବା ୧୦୬ ଖଣ୍ଡ କାକପୋଇ କାଠକୁ ଜବତ କରିଥିଲେ । ଏହି କାଠ ଖଣ୍ଡ ଗୁଡିକ ବଡ ବଡ଼ ପ୍ଲାଇ କମ୍ପାନୀ ଏବଂ ସେଟ୍ରିଂ କାମ ପାଇଁ ବିକ୍ରି କରାଯିବାପାଇଁ ରଖାଯାଇଥିବା ଅନୁମାନ କରାଯାଉଛି । ଏହି ଗଣ୍ଡି ଗୁଡିକ ସରକାରୀ ଜମିରୁ ହାଣିକି ଆଣିଥିବା ଅଭିଯୋଗ ହୋଇଥିଲା । ଜବତ କାଠ ଗଣ୍ଡି ଗୁଡିକୁ ସରକାରୀ ସ୍ତରରେ ନିଲାମ କରାଯିବା ସହିତ ଆଗାମୀ ଦିନରେ କାକପୋଇ ଗଛ କାଟିବା ଉପରେ ମଧ୍ୟ କଟକଣା ଲାଗୁ କରାଯିବ ବୋଲି ତହସିଲଦାର ଶ୍ରୀ ପ୍ରଧାନ ପ୍ରକାଶ କରିଛନ୍ତି ।

**ଦିଗପହଣ୍ଡିରେ କାଳ ବୈଶାଖୀର ତାଣ୍ଡବ**

# ବଜ୍ରପାତରେ ଜଣେ ମୃତ, ଜଣେ ଗୁରୁତର

ଦିଗପହଣ୍ଡି,୮।୬(ସମିସ)



ଦିଗପହଣ୍ଡି ସହର ସମେତ ଆଖପାଖ ଗ୍ରାମାଞ୍ଚଳ ରେ ସୋମବାର ଅପରାହ୍ନ ପ୍ରାୟ ୪ ଟାରୁ ସାଢେ ୫ ଟା ଯାଏଁ କାଳ ବୈଶାଖୀ ର ଭୀମ ତାଣ୍ଡବ ପ୍ରଭାବରେ ଘନ ଘନ ବଜ୍ରପାତ ସାଙ୍ଗକୁ ପ୍ରବଳ ପବନ ଓ ଝଡ଼ ବର୍ଷା ସାଧାରଣ ଜନ ଜୀବନକୁ ଜନଜୀବନ ଅସ୍ତବ୍ୟସ୍ତ କରିପକାଇଥିଲା। ଦିଗପହଣ୍ଡି ବ୍ଲକ ବମୋକେଇ ପଞ୍ଚାୟତ ଖଇରପଙ୍କ ଗ୍ରାମ ନିକଟ ଚାଷଜମି ରେ ବଜ୍ରପାତ ହେବାରୁ ଗୋରୁ, ଛେଳି, ମଇଁଷି ଚରାଉଥିବା ଖଇରପଙ୍କ ଗ୍ରାମର ଶ୍ରୀଧର କନିଆରି(୨୪) ଏବଂ ଗଡଗୋବିନ୍ଦପୁର ପଞ୍ଚାୟତ ଧାନ୍ୟରାଶି ଗ୍ରାମର ଜି.ରାଜେନ୍ଦ୍ର(୪୫) ଗୁରୁତର ଆହାତ ହୋଇଥିଲେ। ଉଭୟଙ୍କୁ ନୂଆପଡ଼ା ଫାଣ୍ଡି ପୋଲିସ ଗ୍ରାମବାସୀଙ୍କ ସହାୟତାରେ ଉଦ୍ଧାର କରି ନିକଟସ୍ଥ ବମୋକେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରେ ଓପିଡି ନଂ.୬୦୨୭ ଅନୁଯାୟୀ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଥିଲେ। ସେଠାରେ ଉପସ୍ଥିତ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅପରପକ୍ଷରେ ଶ୍ରୀଧରଙ୍କୁ ସେଠାରେ ଚିକିତ୍ସା କରାଯାଉଥିବା ଜଣାପଡ଼ିଛି। କେ. ନୂଆଗାଁ ଥାନା ଆଇଆଇସି ବିଶ୍ୱଜିତ ନାୟକଙ୍କ ନିର୍ଦ୍ଦେଶକ୍ରମେ ନୂଆପଡ଼ା ଫାଣ୍ଡି ଅଧିକାରୀ ଏସ.ଆଇ ଅତିଥିଚରଣ ନାୟକ ମୃତଦେହ ଜବତ କରିଛନ୍ତି।ସନ୍ଧ୍ୟା ହୋଇଯିବାରୁ ମଙ୍ଗଳବାର ମୃତଦେହର ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି। ସେହିପରି ଦିଗପହଣ୍ଡି ଏନଏସି ୧୦ ନଂ ୱାର୍ଡ ଅଧିନ ପୁରୁଣା ବସଷ୍ଟାଣ୍ଡ ଇଲାକାର ୧୭ ନଂ ରାଜ୍ୟରାଜପଥ ରେ ଡ୍ରେନେଜ ବ୍ୟବସ୍ଥା ନଥିବାରୁ ବହୁ ସଂଖ୍ୟକ ବାସିନ୍ଦାଙ୍କ ଘର ଓ ଦୋକାନ ମାନଙ୍କରେ ନର୍ଦ୍ଦମା ପାଣି ଓ ବର୍ଷା ପାଣି ଲହଡ଼ି ମାରୁଥିବା ଦେଖିବାକୁ ମିଳିଛି। ସେମାନେ ଜଳବନ୍ଦୀ ଅବସ୍ଥାରେ ଅଛନ୍ତି। ଏପରିକି ସାପ, ସରିସୃପ ରାସ୍ତା ନପାଇ ଘରେ ପଶୁଛନ୍ତି। ଗତ ମେ ୬ ତାରିଖରେ ସ୍ଥାନୀୟ ବାସିନ୍ଦା ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଦିଗପହଣ୍ଡି ତହସିଲଦାର ସନ୍ତୋଷ କୁମାର ସାହୁଙ୍କୁ ଭେଟି ସ୍ମାରକପତ୍ର ଦେଇଥିଲେ। ମେ ୭ ତାରିଖରେ ସ୍ଥାନୀୟ ତହସିଲଦାର, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମିଶ୍ର,ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ଇଂ. ମନୋଜ ମହାରଣା, ଏନଏସି ଅଧକ୍ଷ ପ୍ରଫୁଲ୍ଲ ପଣ୍ଡା,କାଉନସିଲର ଦୀପକ ମିଶ୍ର ଘଟଣାସ୍ଥଳରେ ପହଞ୍ଚି ପ୍ରଭାବିତ ବାସିନ୍ଦାଙ୍କ ସହ ସବିଶେଷ ଆଲୋଚନା କରିବା ସହ ସ୍ଥିତି ର ସ୍ଥାୟୀ ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ପ୍ରତିଶ୍ରୁତି ର ଏକ ମାସ ବିତିଯିବାପରେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନଥିବା ସ୍ଥାନୀୟ ବାସିନ୍ଦା ସୋମବାର ସନ୍ଧ୍ୟାରେ ଅଭିଯୋଗ କରିଛନ୍ତି। ସେହିପରି ସାନଖେମୁଣ୍ଡି ବ୍ଲକ ପାଟପୁର ସମେତ ଆଖପାଖ ଗ୍ରାମାଞ୍ଚଳ ମାନଙ୍କରେ ଭୀଷଣ ପବନ ଓ ବର୍ଷା ପ୍ରଭାବରେ ରାସ୍ତାକଡ଼ ମାନଙ୍କରେ ଥିବା ବହୁ ସଂଖ୍ୟକ ଗଛ ଉପୁଡ଼ି ପଡ଼ିଛି।

# ରାସ୍ତାରେ ପଡ଼ିଲା ଗଛ, ଭାଙ୍ଗିଲା ଘର ଜଣେ ଆହତ

ସାନଖେମୁଣ୍ଡି, ୮।୬(ସମିସ): ସୋମବାର ସନ୍ଧ୍ୟାରେ କାଳ ବୈଶାଖୀରେ ସାନଖେମୁଣ୍ଡି ବ୍ଲକ ଆସିକା - ଦିଗପହଣ୍ଡି ମୁଖ୍ୟ ରାସ୍ତା ଦିଗପହଣ୍ଡି ସବ୍ ଜେଲ୍ ନିକଟରେ ଏକ ବିରଟକାୟ କାକୁପେଇ ଗଛ ରାସ୍ତା ଉପରେ ପଡ଼ିଯାଇଥିବା ହେତୁ ରାସ୍ତା ଚଳାଚଳ ବାଧା ପ୍ରାପ୍ତ ହୋଇଥିଲା। ପାଟପୁର ପଞ୍ଚାୟତ ରାଧାକୃଷ୍ଣ ମନ୍ଦିର ନିକଟରେ ରବିନ୍ଦ୍ର ନାଥ ସାହୁଙ୍କ ଘର



ଉପରେ ଗୋଟାଏ ବିରାଟ କାୟ ଗଛ ପଡ଼ି ଯାଇଥିବା ବେଳେ ଘରଟି ଭାଙ୍ଗି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ବେଳେ ରବିନ୍ଦ୍ରନାଥ ସାହୁ ଆହତ ହୋଇଥିବା ଦେଖିବାକୁ ମିଳିଛି। ସେହିଭଳି ତୁଡ଼ଙ୍ଗପୁର ପଞ୍ଚାୟତ ଚିନ୍ତାଖାଳି ଗ୍ରାମର ମନୋଜ ନାଇକଙ୍କ ଚାଳ ଛପର ଘରକୁ ପବନରେ ଉଡ଼ାଇ ଦେଇଥିବା ବେଳେ ଘରଟି ଭାଙ୍ଗି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ଦେଖିବାକୁ ମିଳିଛି । ପାଟପୁର ରାଜସ୍ୱ ଅଧିକାରୀ ଅନ୍ତର୍ଯ୍ୟାମୀ ନାହାକ କ୍ଷତି ଗ୍ରସ୍ତ ହୋଇଥିବା ସ୍ଥାନ ଗୁଡ଼ିକ ପରିଦର୍ଶନ କରି ଫେରିଥିବା ଜଣାପଡିଛି । ବିଭିନ୍ନ ସ୍ଥାନରେ ବିଦ୍ୟୁତ ତାର ମଧ୍ୟ ଛିଡ଼ିଯାଇଥିବା ହେତୁ କିଛି ଗ୍ରାମର ବିଦ୍ୟୁତ ସରବରାହ ବନ୍ଦ ଥିବା ଦେଖିବାକୁ ମିଳିଛି ।

# ମିଲ୍ ମାଲିକଙ୍କୁ ମରଣାନ୍ତକ ଆକ୍ରମଣ

ବୁଗୁଡା, ୮।୬(ସମିସ): ବୁଗୁଡ଼ା ଥାନା ଅନ୍ତର୍ଗତ ଗୋଲିଆ ଗ୍ରାମରେ ଜନୈକ ରାଇସ୍ ମିଲ୍ ମାଲିକ ମରଣାନ୍ତକ ଆକ୍ରମଣର ଶିକାର ହୋଇଥିବା ନେଇ ଅଭିଯୋଗ ହୋଇଥିବା ଜଣାଯାଇଛି । ଆକ୍ରମଣରେ ଆହତ ମିଲ୍ ମାଲିକ ଜଣକ ହେଲେ ସତ୍ରୁସୋଲ ଗ୍ରାମର ମହେନ୍ଦ୍ର କୁମାର ଦୋରା ଏବଂ ଆକ୍ରମଣକାରୀ ବାପ ଓ ପୁଅ ଦୁହେଁ ହେଲେ ସୁରେନ୍ଦ୍ର ଖଟେଇ ଓ ହରିଓଁ ଖଟେଇ। ଏ ନେଇ ପୋଲିସ ଥାନାରେ କେସ୍ ନଂ ୨୮ ୭/୨୬ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ ପାଇଛି। ପ୍ରକାଶ ଯେ, ରବିବାର ଅପରାହ୍ନରେ ମହେନ୍ଦ୍ର ଖାଲି ଟ୍ରକ ଧରି ନିଜ ରାଇସ୍ ମିଲରୁ ଚାଉଳ ଆଣିବା ପାଇଁ ସତ୍ରୁସୋଲ ଗାଁକୁ ଯାଉଥିଲେ। ଗୋଲିଆ ଗାଁ ପଟରୁ ସତ୍ରୁସୋଲ ଗ୍ରାମାଭିମୁଖେ ଯାଇଥିବା ରାସ୍ତାକୁ ମଡାଇ ସୁରେନ୍ଦ୍ରଙ୍କ ସିମେଣ୍ଟ ମିକ୍ସର ମେସିନଟି ରହିଥିଲା । ତାହାକୁ ରାସ୍ତା ଉପରୁ ହଟାଇବାକୁ ନେଇ ମହେନ୍ଦ୍ର ଓ ସୁରେନ୍ଦ୍ରଙ୍କ ମଧ୍ୟରେ ପାଟିତୁଣ୍ଡ ସହ ଧସ୍ତାଧସ୍ତି ହୋଇଥିଲା। ଏଥିରେ ଗ୍ରାମର କେତେକ ଭଦ୍ରଲୋକ ହସ୍ତକ୍ଷେପ କରିବା ଫଳରେ ରାସ୍ତା ଉପରୁ ମିକ୍ସର ମେସିନ ହଟିଥିଲା ଏବଂ ଟ୍ରକ ସତ୍ରୁସୋଲ ଗାଁକୁ ଯାଇଥିଲା। ସେଠାରୁ କୌଣସି କାମରେ ମହେନ୍ଦ୍ର ଗୋଲିଆ ଗାଁକୁ ଆସୁଥିବା ବେଳେ ବାପ ସୁରେନ୍ଦ୍ର ଓ ପୁଅ ହରିଓଁ ଉଭୟେ ତାଙ୍କୁ ଅଟକାଇ ଆକ୍ରମଣ କରିଥିଲେ ଏବଂ ମାରି ଦେବାକୁ ଧମକ ଦେଇ କାତି ଧରି ଗୋଡାଇ ଥିଲେ। ଆକ୍ରମଣରେ ମହେନ୍ଦ୍ରଙ୍କ ମୁଣ୍ଡରେ ଆଘାତ ଲାଗି ପ୍ରବଳ ରକ୍ତସ୍ରାବ ହୋଇଥିଲା ଏବଂ ସେ ଚିକିତ୍ସା ପାଇଁ ବୁଗୁଡ଼ା ମେଡିକାଲରେ ଭର୍ତ୍ତି ହୋଇଥିଲେ। ଏ ନେଇ ଥାନାରେ ଅଭିଯୋଗ ହୋଇଥିବା ବେଳେ ଫେରାର ଅଭିଯୁକ୍ତ ବାପପୁଅ ଦୁହିଁଙ୍କୁ ପୋଲିସ ଖୋଜୁଥିବା ଜଣାଯାଇଛି।

# ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

ଦିଗପହଣ୍ଡି,୮।୬(ସମିସ): ଦିଗପହଣ୍ଡି ବ୍ଲକ ସିଦ୍ଧଖଣ୍ଡି ଗ୍ରାମର ସଚଳା ରାଉତ(୩୫)ଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ସୋମବାର ସକାଳେ ଦିଗପହଣ୍ଡି ପୁଲିସ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରୁ ମୃତଦେହ ଜବତ କରି ଥାନା ଅପମୃତ୍ୟୁ ମାମଲା ନଂ.୩୦/୨୬ ଅନୁଯାୟୀ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ବ୍ୟବଚ୍ଛେଦ କରାଯିବା ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଥିଲା। ଅପରାହ୍ଣରେ ଶୋକାକୁଳ ପରିବେଶ ମଧ୍ୟରେ ଗାଁ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ରବିବାର ସନ୍ଧ୍ୟାରେ ଘରେ କାମ କରୁଥିବା ସଚଳା ଆକସ୍ମିକ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ପରିବାର ଲୋକେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରାତି ପ୍ରାୟ ୭ ଟାରେ ତାଙ୍କ ମୃତ୍ୟୁ ଘଟିଥିଲା। ସଚଳାଙ୍କ ସ୍ୱାମୀ ବୁଲୁ ରାଉତ ଏନେଇ ଦିଗପହଣ୍ଡି ଥାନାରେ ଏତଲା ଦେବାପରେ ଆଇଆଇସି କିଶୋର କୁମାର ସାମଲ ଅପମୃତ୍ୟୁ ମାମଲା ରୁଜୁ କରିଥିଲେ। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ଆଇଆଇସି କହିଛନ୍ତି।

# କ କୁଇ ବା କ ।ନୀ ୁ ଙ୍କି ଫେରସ୍ତ ଅଣାଯିବ ମ

ଛତ୍ରପୁର,୮।୬(ସମିସ): ମହେନ୍ଦ୍ରମେଳାରେ ଯୋଗଦେଇ ଛତ୍ରପୁର ସର୍କିଟ ହାଉସ ଆସିଥିବା ବେଳେ କିଛି କମ୍ପାନୀମାନେ ପ୍ରକଳ୍ପ ପାଇଁ ଜମି ନେଇଥିବା ବେଳେ ତାହା କୌଣସି କାର୍ଯ୍ୟକାରୀ କରୁ ନ ଥିବା ନେଇ ଗଣମାଧ୍ୟମ ପ୍ରଶ୍ନରେ ପ୍ରତିକ୍ରିୟା ରଖିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ଏନେଇ ସେହିବାବଦରେ ଜିଲାପାଳ ଓ ଆରଡିସିଙ୍କୁ ନିର୍ଦ୍ଦେଶ ଦିଆଯାଇଛି ନିର୍ଦ୍ଦିଷ୍ଟ କୌଣସି ପ୍ରକଳ୍ପ ପାଇଁ କେତେ ଜାଗା ଆମେ ଦେଇଛୁ କାହାକୁ ଦେଇଛୁ ଏବଂ ସେ ପ୍ରକଳ୍ପ ଆରମ୍ଭ ହେଲା ନା ନାହିଁ, ଯଦି ଆରମ୍ଭ ନହୋଇ ୨ ରୁ ୩ ବର୍ଷ ହେଲା ପଡିଆ ପଡିଛି, ଆମେ ଦେଇଥିବା ଜମିର ଦୂରପଯୋଗ ହେଉଛି ଅନ୍ୟ କାମରେ ବ୍ୟବାହର ହେଉଛି ତାହାକୁ ଠାବ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଠାବ କରିବା ସହ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ସହ ଯେଉଁ ଜମିକୁ ନିର୍ଦ୍ଦିଷ୍ଟ ପ୍ରକଳ୍ପ ପାଇଁ ଦେଇଛୁ ପ୍ରକଳ୍ପ ନାହିଁ ତ ଜମି ନାହିଁ। ଫେରସ୍ତ ପରେ ଖେଳ ପଡିଆ ହେବ, ସରକାରୀ ଭିତିଭୂମି, ଷ୍ଟାଡିୟମ ହେବ ବୋଲି ମନ୍ତ୍ରୀ କହିଥିଲେ। ସହଜରେ ଜମି ଖୋଜିଲେ ଖଣ୍ଡେ ମିଳୁନାହିଁ ଅନ୍ୟମାନେ ନେଇଛି ମାଡି ବସିଛନ୍ତି କିନ୍ତୁ ପ୍ରକଳ୍ପ କରୁନାହାନ୍ତି। ସେହିପରି ବନ୍ଦଥିବା ପ୍ରକଳ୍ପ ଉପରେ ସମିକ୍ଷା ହେବ ଆସନ୍ତା ମାସରେ ପ୍ରଥମ ସପ୍ତାହରେ ଗଞ୍ଜାମ ଜିଲାକୁ ଆସି ଏହାର ସମିକ୍ଷା କରିବେ ବୋଲି ମନ୍ତ୍ରୀ କହିଥିଲେ। ସେହିପରି ଗୋପାଳପୁର ସ୍ଥିତ ଗୋଳାବନ୍ଧ ଠାରେ ସେନାବାହିନୀ ଜମିରେ ଲୋକମାନେ ରହୁଛନ୍ତି ସେମାନଙ୍କୁ ସେଠାରୁ ସ୍ଥାନନ୍ତର ହେବା ସହ ଥଇଥାନ କରାଯିବ ସେ ବାବଦରେ ଶହେ କୋଟି ଟଙ୍କା ଖର୍ଚ୍ଚ ହେବ। ସେହି ଜାଗାକୁ ଭାରତୀୟ ସେନାକୁ ପ୍ରଦାନ କରାଯିବ। ସେଠାରେ ସେମାନେ ଅତ୍ୟାଧୁନିକ ଯନ୍ତ୍ରପାତି ଲଗାଇବେ। ଜିଲ୍ଲାରେ ବିକାଶର କାମ କେତେଦୁର ଗଲା ଶିଳ୍ପ କେତେ ଆସିଲା ଏବଂ ନ ଆସିଲା କେତେ ଜମି ମାଡି ବସିଛନ୍ତି ତାହାର ସମିକ୍ଷା କରିବେ । ଏପରିକି କିଛି କମ୍ପାନୀ ଆସି ଥଇଥାଇ କରିବା ବେଳେ ସଠିକ ଭାବେ କରୁନାହାନ୍ତି ଏବଂ ସ୍ଥାନୀୟ ଯୁବକ ମାନଙ୍କୁ ଅବହେଳା କରାଯାଇଛି ବୋଲି ଅଭିଯୋଗ ଆସିଛି। ଏହା ଉପରେ ମଧ୍ୟ ଆସନ୍ତା ମାସ ପ୍ରଥମ ସପ୍ତାହରେ ସମିକ୍ଷା କରାଯିବ ବୋଲି ମନ୍ତ୍ରୀ କହିଥିଲେ। ଏପରିକି କିଛି କମ୍ପାନୀ ଆବଶ୍ୟକ ଠାରୁ ଅଧିକ ଜମି ମାଡି ବସିଥିବା ନେଇ ମନ୍ତ୍ରୀଙ୍କୁ ଅଂଚଳବାସୀ ଅଭିଯୋଗ କରାଯାଇଥିଲା। ମନ୍ତ୍ରୀଙ୍କ ସହ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ମଧ୍ୟ ଉପସ୍ଥିତ ଥିଲେ।

# ମହିଳା ଚା ୀଙ୍କୁ ମା ି ଆ ବିହନ ବା ି ଲେ କୃ ି ଅଧିକାରୀ



ଜି ଉଦୟଗିରି,୮।୬(ସମିସ): କନ୍ଧମାଳ ଜିଲ୍ଲା ପାବୁରିଆ ଠାରେ ଶ୍ରୀ ଅନ୍ନ ଅଭିଯାନ କୃଷିବିଭାଗ ଟିକାବାଲି ଏବଂ ସ୍ୱାତି ମିଳିତ ସହଯୋଗରେ ମାଣ୍ଡିଆ ବିହନ ବଣ୍ଟନ କରାଯାଇଛି। ମୁଖ୍ୟଜିଲ୍ଲା କୃଷି ଅଧିକାରୀ ପବିତ୍ର ମୋହନ ସାହୁ ଏବଂ କୃଷି ଜିଲ୍ଲା ଅଧିକାରୀ ସୁଶ୍ରୀ ସୁନିତା ମିଶ୍ରଙ୍କ ଉପସ୍ଥିତିରେ ଟିକାବାଲି ବ୍ଲକ ପାବୁରିଆ ଗ୍ରାମ ପଞ୍ଚାୟତ କୁଟି ଗୁଡା ଗ୍ରାମର ସ୍ୱୟଂ ସହାୟକ ଗୋଷ୍ଠୀର ୨୦ ଜଣ ମହିଳା ଚାଷୀଙ୍କୁ ମାଣ୍ଡିଆ ବିହନ ବିତରଣ କରାଯାଇଥିଲା। ଏହା ପରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଶୀଘ୍ର ନର୍ସରୀ ବେଡ଼ ତିଆରି କରି ଚାରା ପକାଇ ବା ସହିତ ଜମି ପ୍ରସ୍ତୁତି କରିବା ପାଇଁ ପରାମର୍ଶ ଦେଇ ଥିଲେ। ଏହା ସହିତ ସ୍ୱାତିର ସହଯୋଗରେ କୁଶସାନସେଟ ଆସନ୍ତା କାଲି ଠାରୁ ସ୍ୱାତିର କର୍ମୀ ମାନଙ୍କୁ ନର୍ସରୀ ବେଡ଼ ତିଆରି କରିବା ପାଇଁ ପରାମର୍ଶ ଦେଇଥିଲେ।

# ଅ ଅ ।ନିକଟରେ ୁଣି ଦୁର୍ଘଟଣା; ୧୨ ଆହତ



ପାତ୍ରପୁର, ୮।୬(ସମିସ): ହଜାର ହଜାର ଶ୍ରଦ୍ଧାଳୁ ମହେନ୍ଦ୍ର ମେଳା ଦର୍ଶନ କରିବା ପାଇଁ ଆସୁଥିବା ବେଳେ ରବିବାର ମହେନ୍ଦ୍ର ମେଳା ଦେଖି ଫେରିବା ସମୟରେ ପିକଅପ୍ ଗାଡ଼ି ଓଲଟି ୩ ଜଣଙ୍କ ମୃତ୍ୟୁ ଘଟିଛି। ସେହିଭଳି ସୋମବାର ପୁଣି ମହେନ୍ଦ୍ର ମେଳା ସାରି ଫେରି ଆସୁଥିବା ବେଳେ ଆନ୍ଧ୍ର ମାଳ ବାଦପୁର ନିକଟସ୍ଥ ହଂସ ମରା ଗ୍ରାମର ବୋଲର ଦୁର୍ଘଟଣା ଘଟି ଜରଡ଼ା ଥାନା ଅନ୍ତର୍ଗତ ଅଣ୍ଡ ଅଣ୍ଡା ନିକଟରେ ୭ ଜଣ ଆହତ ହୋଇଥିବା ସୂଚନା ମିଳିଛି । ଆହତ ମାନଙ୍କୁ ପ୍ରଥମେ ଜରଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରେ ଚିକିତ୍ସା କରାଇ ପରେ ପାତ୍ରପୁର ସ୍ଥାନାନ୍ତରିତ କରଯାଇଛି । ଆହତମାନେ ହେଲେ ଭୁବନେଶ୍ୱର ମହାନ୍ତି (୬୦), ବୃନ୍ଦାବତୀ ଗୌଡ (୭୦) ସଞ୍ଜୁ ଗୌଡ (୪୫), ପ୍ରିତି ଗୌଡ (୧୮), ଶାନ୍ତନୁ ଗୌଡ (୧୨) ସନ୍ତୋସି ଗୌଡ (୨୦) । ଜରଡ଼ା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

# ଯୁବକଙ୍କ ଆତ୍ମହତ୍ୟା

ବୁଗୁଡ଼ା, ୮।୬(ସମିସ): ବୁଗୁଡ଼ା ଥାନା ଅନ୍ତର୍ଗତ ଟଭାପଲ୍ଲୀ ଗ୍ରାମରେ ବବୁଲୁ ପାଣିଗ୍ରାହୀ(୩୫) ନାମକ ଜନୈକ ଯୁବକ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାଯାଇଛି। ଏ ନେଇ ପୋଲିସ ପକ୍ଷରୁ କେସ୍ ନଂ ୧୬/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ ପାଇଛି । ପ୍ରକାଶ ଯେ, ମାନସିକ ଅଶାନ୍ତି କାରଣରୁ ବବୁଲୁ ଗତ ରବିବାର ବିଳମ୍ବିତ ରାତିରେ ତାଙ୍କର ବାରିପଟ ଘରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ । ପରିବାର ଲୋକେ ତାଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ପାଇଥିଲେ। ଏ ନେଇ ପୋଲିସ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ଶବକୁ ଉଦ୍ଧାର କରି ବୁଗୁଡା ମେଡିକାଲକୁ ଆଣିବା ସହ ବ୍ୟବଚ୍ଛେଦ ନିମନ୍ତେ ଭଞ୍ଜନଗର ପଠାଇଥିବା ଜଣାଯାଇଛି ।

**କବିସୂର୍ଯ୍ୟନଗର ହାଜତ ମୃତ୍ୟୁ ଘଟଣା**

# ବିଚାର ବିଭାଗୀୟ ତଦନ୍ତ ସହ ପୀଡ଼ିତଙ୍କ ପରିବାରକୁ ଆର୍ଥିକ ସହାୟତା ଦାବିକଲା ଫରୱାର୍ଡ ବ୍ଲକ୍

କବିସୂର୍ଯ୍ୟନଗର,୮।୬(ସମିସ)



କବିସୂର୍ଯ୍ୟନଗର ପୁଲିସର ଥାର୍ଡ ଡିଗ୍ରୀ ଯୋଗୁଁ ଦିବ୍ୟାଙ୍ଗ ଯୁବକ ସୁଶାନ୍ତ କୁମାର ସାହୁଙ୍କ ମୃତ୍ୟୁ ଘଟଣାରେ ପୁଲିସର ବର୍ବରତା ଗ୍ରହଣୀୟ ନୁହେଁ ବୋଲି ଫରୱାର୍ଡ ବ୍ଲକ ପକ୍ଷରୁ କୁହାଯାଇଛି। ଅଭିଯୋଗ ଫର୍ଦ୍ଦରେ ସୁଶାନ୍ତଙ୍କ ନାମ ନଥିବା ବେଳେ ପୁଲିସ ତାଙ୍କୁ ୭ ଦିନଧରି ରଖି ଶାରୀରିକ ନିର୍ଯାତନା ଦେଇ ପିଟିପିଟି ହତ୍ୟା କରିଛି। ଏଭଳି ଘଟଣା ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ। ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ ଗଞ୍ଜାମ ଜିଲ୍ଲା କମିଟି ତରଫରୁ ମୃତକଙ୍କ ପରିବାରକୁ ସୁବଲିଆ ଗ୍ରାମରେ ସାକ୍ଷାତ କରି ଆଲୋଚନା କରିଛନ୍ତି। ଫରୱାର୍ଡ ବ୍ଲକ ପକ୍ଷରୁ ଦିବ୍ୟାଙ୍ଗ ଯୁବକ ସୁଶାନ୍ତ କୁମାର ସାହୁ ହତ୍ୟା ଘଟଣାର ବିଚାର ବିଭାଗୀୟ ତଦନ୍ତ,ମୃତ ସୁଶାନ୍ତଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ, ଦିବ୍ୟାଙ୍ଗ ଯୁବକ ସୁଶାନ୍ତ କୁମାର ସାହୁ ହତ୍ୟାକାଣ୍ଡ ଘଟଣାରେ ଆଇପିଏସ ଅଧିକାରୀ ସମେତ ସମ୍ପୃକ୍ତ ପୁଲିସ କର୍ମଚାରୀଙ୍କ ବିରୁଦ୍ଧରେ ଶାରୀରିକ ନିର୍ଯାତନା ଓ ହତ୍ୟା ଭଳି ଅପରାଧିକ ମାମଲା ରୁଜୁ କରାଯାଉ,ଭାଟଖାଲି ପାହାଡ ନିକଟରେ ମହିଳା ଶ୍ରମିକଙ୍କୁ ଅସଦାଚରଣ ଓ ଆକ୍ରମଣ ଘଟଣାରେ ସମ୍ପୃକ୍ତ ପୁଲିସ ବିରୁଦ୍ଧରେ ଅପରାଧିକ ମକ୍ଷମଲା ରୁଜୁ କରାଯାଉ,ବୟାନ ବଦଳାଇବାକୁ ମୃତକଙ୍କ ଭାଇ ଉପରେ ଚାପ ଓ ଧମକ ଦେଉଥିବା ଅଧିକାରୀଙ୍କ ବିରୁଦ୍ଧରେ ବିଭାଗୀୟ ଓ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୫ ଦଫା ସମ୍ବଳିତ ଦାବିପତ୍ର ତହସିଲଦାର ରବୀନ ଚର୍ଚ୍ଚିଲ ମିଶ୍ରଙ୍କ ଜରୀଆରେ ପ୍ରଦାନ କରାଯାଇଛି। ସ୍ଥାନୀୟ ଡାକବଙ୍ଗଳା ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଫରୱାର୍ଡ ଜିଲ୍ଲା ସଭାପତି ବିଭୂଧେନ୍ଦ୍ର ପାଢୀ, ଜିଲ୍ଲା ସାଧାରଣ ସମ୍ପାଦକ ସନ୍ତୋଷ କୁମାର ସାହୁ,ଜିଲ୍ଲା ସମ୍ପାଦକ ମିଥୁନ ବେହେରା,କୋଷାଧ୍ୟକ୍ଷ ସପନେଶ୍ୱର ପାଣିଗ୍ରାହୀ, ଜିଲ୍ଲା କମିଟି ସଦସ୍ୟ ଅଜୟ କୁମାର ପଣ୍ଡା, ଯୁବନେତା ମୁନା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଫରୱାର୍ଡ ବ୍ଲକ ପକ୍ଷରୁ କୁହାଯାଇଛି ମୃତ ସୁଶାନ୍ତଙ୍କ ପରିବାରକୁ ନ୍ୟାୟ ମିଳିବା ଯର୍ଯନ୍ତ ଲଢେଇ ଜାରିରହିବ। ପୁଲିସର ବର୍ବରତାକୁ ଦୃଢ ନିନ୍ଦା କରାଯାଇଛି।

# ୧୭୪ ଲିଟର ମଦ ସହ ଅଟୋ ଜବତ; ଜଣେ ଅଟକ



ଖଲ୍ଲିକୋଟ,୮।୬(ସମିସ): ମଦ ଚୋରା ଚାଲାନ ବେଳେ ପୁଲିସ ଚଢ଼ାଉ କରି ୧୭୪ ଲିଟର ବିଦେଶୀ ମଦ ସହ ଗୋଟିଏ ଅଟୋ କୁ ଜବତ କରିଥିବା ଜଣାପଡ଼ିଛି। ଖଲ୍ଲିକୋଟ ଥାନା ଅନ୍ତର୍ଗତ ଲଙ୍ଗଳେଶ୍ୱର ଠାରୁ ବାଦପଲ୍ଲୀ ଅଞ୍ଚଳ କୁ ଅଟୋ ଯୋଗେ ବିଦେଶୀ ମଦ ଚୋରା ଚାଲାନ ହେଉଥିବା ଖବର ପାଇ ଭେଜିପୁଟ ଫାଣ୍ଡି ଅଧିକାରୀ ଆଦିତ୍ୟ ନାରାୟଣ ପାତ୍ର ପୁଲିସ ଟିମ ସହିତ ମା ନାରାୟଣୀ ମନ୍ଦିର ନିକଟରେ ଚଢ଼ାଉ କରି ୧୭୩. ୮୮୦ ଲିଟର ବିଦେଶୀ ମଦ ସହ ଅଟୋ କୁ ଜବତ କରିଥିଲେ। ଜବତ ବିଦେଶୀ ମଦ ମଧ୍ୟରେ ଟୁବର୍ଗ, ହଣ୍ଟର, କାର୍ଲସବର୍ଗ, କିଙ୍ଗ ଫିସର, ରୟାଲ ଷ୍ଟାଗ, ରୟାଲ ଚେଲେଞ୍ଜ ପ୍ରଭୃତି ବ୍ରାଣ୍ଡର ମଦ ରହିଥିବା ବେଳେ ଚୋରା ଚାଲାନ କରୁଥିବା ଜଣେ ଯୁବକକୁ ଥାନାରେ ଅଟକ ରଖି ଅଧିକ ପଚରାଉଚରା କରୁଛି ପୁଲିସ। ଏ ସମ୍ପର୍କ ରେ ଖଲ୍ଲିକୋଟ ଥାନା କେସ ନମ୍ବର ୪୫୬/୨୦୨୬ ଅନୁଯାୟୀ ମାମଲା ରୁଜୁ ହୋଇଥିବା ଆଇଆଇସି ରମେଶ କୁମାର ପ୍ରଧାନ ସୂଚନା ଦେଇଛନ୍ତି ।

## କଣ୍ଠଶିଳ୍ପୀ ଷ୍ଟିଫାନଙ୍କ ବିୟୋଗରେ ଶୋକ



ଗୁମ୍ମା, ୮।୬ (ସମିସ): ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ଅନ୍ତର୍ଗତ ବାଇଝାଲ ଗ୍ରାମର ଜଣାଶୁଣା କଣ୍ଠଶିଳ୍ପୀ ଷ୍ଟିଫେନ ରଇତଙ୍କ(୪୬) ବିୟୋଗ ଘଟିଛି। ଷ୍ଟିଫେନ ବାଇଝାଲ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ ସେ କମ ସମୟରେ ଓଡ଼ିଆ, ଆସାମୀ, ସୌରା, ସାନ୍ତାଳୀ, ହିନ୍ଦୀ ଭାଷାରେ ଗୀତଗାଇ ସାରା ଗଜପତି ଜିଲ୍ଲାରେ ଖ୍ୟାତି ଅର୍ଜନ କରିଥିଲେ। ସେ ପ୍ରଥମେ ଆଦିବାସୀ ଗୀତ ଆଙ୍ଗିସଖୀ, ଆଙ୍ଗଡ଼ି ଦାଂଡି ଓ ବହୁ ଚର୍ଚ୍ଚିତ କୁସୁମାଇ ଲାଙ୍ଗୀ ଗୀତଗାଇ ରାଜ୍ୟ ସରକାରଙ୍କ ଠାରୁ ପୁରସ୍କୃତ ମଧ୍ୟ ପାଇଥିଲେ। କିଛିଦିନ ଅସୁସ୍ଥ ଥିବା ବେଳେ ଗତକାଲି ଅଧିକ ଅସୁସ୍ଥ ହୋଇଥିବାରୁ ଆଜି ସକାଳେ ତାଙ୍କୁ ପଡ଼ଶୀ ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ ମେଡ଼ିକାଲକୁ ନେବା ସମୟରେ ଅଧାରାସ୍ତା ହିଁ ତାଙ୍କ ମୃତ୍ତୁ ହୋଇଥିଲା। ତାଙ୍କ ମୃତ୍ୟୁ ଖବର ଜାଣିବା ପରେ ଗୁମ୍ମା ବ୍ଲକ ତଥା ସାରା ଜିଲ୍ଲାରେ ଶୋକର ଛାୟା ଖେଳିଯାଇଛି। ଏହି ଖବର ପାଇ ବିଧାୟକ ରୁପେଷ ପାଣିଗ୍ରାହୀ, ବିଜେଡି ଜିଲ୍ଲା ସଭାପତି ପ୍ରଦୀପ ନାୟକ, ସାମ୍ବାଦିକ, ଗରୁଡ ଚୌଧୁରୀ, ପପୁ ମିଶ୍ର, ସନ୍ତସ ପଟ୍ଟନାୟକ, କୃଷ୍ଣ କୁମାର ବେହେରା, ଶିଶିର ଗୌଡ଼, ସୋରଜ୍ ବିର, ପ୍ରଶାନ୍ତ ପଟ୍ଟନାୟକ ଓ ଆଦିବାସୀ ସଙ୍ଗ ପକ୍ଷରୁ ଦୁଃଖ ପ୍ରକାଶ କରିଛନ୍ତି।

● ୨୩ କିଲୋ ଗଞ୍ଜେଇ ଜବତ

## କର୍ଣ୍ଣାଟକର ୨ ଜଣଙ୍କ ସମେତ ୩ ଗିରଫ



ଦାରିଙ୍ଗବାଡ଼ି, ୮।୬ (ସମିସ): କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ଥାନା ପୋଲିସକୁ ମିଳିଛି ଏକ ବଡ଼ ସଫଳତା। ପୋଲିସ ଚଢ଼ାଉ କରି ବିପୁଳ ପରିମାଣର ଗଞ୍ଜେଇ ଜବତ କରିବା ସହ ୩ ଜଣ ଅନ୍ତରାଜ୍ୟ ଗଞ୍ଜେଇ ମାଫିଆଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ କର୍ଣ୍ଣାଟକ ରାଜ୍ୟର ଦୁଇ ଜଣ ଏବଂ ଜଣେ ସ୍ଥାନୀୟ ଗଞ୍ଜେଇ ଯୋଗାଣକାରୀ ରହିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଗତକାଲି ରବିବାର ସନ୍ଧ୍ୟା ପ୍ରାୟ ୫ଟା ସମୟରେ ବାଇମାଳା ଗେଟ୍ ନିକଟରେ ପୋଲିସ ଚଢ଼ାଉ କରିଥିଲା। ଏହି ସମୟରେ ଏକ ସ୍କୁଟି ଯୋଗେ ଗଞ୍ଜେଇ ଚୋରା ଚାଲାଣ କରୁଥିବା ବେଳେ ବାଙ୍ଗାଲୋରର ଦୁଇ ଜଣ ଅଭିଯୁକ୍ତ ପୋଲିସ ହାତରେ ଧରାପଡ଼ିଥିଲେ। ସେମାନେ ହେଲେ କର୍ଣ୍ଣାଟକ ବାଙ୍ଗାଲୋର ଯେଶବନ୍ତପୁର ଅଞ୍ଚଳର ସେଫ୍ ଅଲ୍ଲୀ ଖାନ୍ (୩୧) ଏବଂ ବେଙ୍ଗାଲୁରୁ ହେବ୍ୱାଳ ଅଞ୍ଚଳର ମୁଜିର ଅହମ୍ମଦ (୨୭)। ଏହାସହ ସେମାନଙ୍କୁ ଗଞ୍ଜେଇ ଯୋଗାଇଥିବା ଅଭିଯୋଗରେ ଦାରିଙ୍ଗବାଡ଼ି ଥାନା କାଡାସପାଟା ଗ୍ରାମର ସ୍ଥାନୀୟ ମୁଖ୍ୟ ସପ୍ଲାୟର୍ ଦୁର୍ଗା ପ୍ରଧାନ (୬୨)ଙ୍କୁ ମଧ୍ୟ ପୋଲିସ ଗିରଫ କରିଛି। ପୋଲିସ ସେମାନଙ୍କ ନିକଟରୁ ୨୩ କିଲୋଗ୍ରାମ ଗଞ୍ଜେଇ, ଦୁଇଟି ମୋବାଇଲ୍ ଫୋନ୍ ଏବଂ ଚୋରା ଚାଲାଣରେ ବ୍ୟବହୃତ ଏକ ହଳଦିଆ ରଙ୍ଗର ଆକ୍ଟିଭା ୫ଜି ସ୍କୁଟି (ଓଡ଼ି-୦୭-ଏଇ-୦୯୨୭) ଜବତ କରିଛି। ଏହି ଘଟଣାରେ ଦାରିଙ୍ଗବାଡ଼ି ଥାନାରେ କେସ୍ ନମ୍ବର ୧୫/୨୦୨୬ ଏବଂ ଏନ୍‌ଡିପିଏସ୍ ଆକ୍ଟର ଧାରା ୨୦(ବି)(II)(ସି)/୨୫/୨୯ ଅନ୍ତର୍ଗତ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ସଂଗ୍ରାମ କେଶରୀ ଜେନା ସୂଚନା ଦେଇଛନ୍ତି।

## ମହେନ୍ଦ୍ର ମେଳାରେ ଆକର୍ଷଣ ପାଲଟିଛି 'ମଦନ ମୋହନ ଗୋଶାଳା'



ରାୟଗଡ(ଗଜପତି)୮।୬(ସମିସ): ଐତିହାସିକ ମହେନ୍ଦ୍ରଗିରି ଶିଖରରେ ଚାଲିଥିବା ମହେନ୍ଦ୍ର ମେଳାରେ 'ମଦନ ମୋହନ ଗୋ-ଶାଳା' ଶ୍ରଦ୍ଧାଳୁଙ୍କ ପାଇଁ ଏକ ପ୍ରମୁଖ ଆକର୍ଷଣ ସାଜିଛି। ଆଧ୍ୟାତ୍ମିକତା ସହ ଗୋ-ସେବାକୁ ପ୍ରାଧାନ୍ୟ ଦେଇ ମେଳା ପରିସରରେ ଏହି ସ୍ୱତନ୍ତ୍ର ଗୋ-ଶାଳା ନିର୍ମାଣ କରାଯାଇଛି। ଅତ୍ୟନ୍ତ ଶୃଙ୍ଖଳିତ ଭାବେ ଏକ ଅସ୍ଥାୟୀ ସଜ୍ଜିତ ମଣ୍ଡପରେ ଗୋମାତାଙ୍କ ରକ୍ଷଣାବେକ୍ଷଣ କରାଯାଉଛି। ଗୋମାତାଙ୍କୁ ଚନ୍ଦନ, ସିନ୍ଦୂର ଓ ଫୁଲମାଳରେ ସଜାଯାଇଥିବା ବେଳେ ସେମାନଙ୍କ ଖାଦ୍ୟପେୟର ସମସ୍ତ ବ୍ୟବସ୍ଥା କରାଯାଇଛି। ମେଳାକୁ ଆସୁଥିବା ଶ୍ରଦ୍ଧାଳୁମାନେ ଦର୍ଶନ କରିବା ସହ ଗୋ-ପୂଜା କରି ନିଜକୁ ଧନ୍ୟ ମନେ କରୁଛନ୍ତି। ମଦନ ମୋହନ ଗୋ-ଶାଳାର ଏହି ପ୍ରୟାସକୁ ସ୍ଥାନୀୟ ଜନସାଧାରଣ ଓ ଭକ୍ତମାନେ ବେଶ୍ ପ୍ରଶଂସା କରିଛନ୍ତି। ମହେନ୍ଦ୍ରଗିରିର ଏହି ପବିତ୍ର ପରିବେଶରେ ଗୋ-ସେବାର ପାରମ୍ପରିକ ପ୍ରଥାକୁ ବଜାୟ ରଖିବା ପାଇଁ ଏହା ଏକ ପ୍ରଶଂସନୀୟ ପଦକ୍ଷେପ ବୋଲି ମତ ପ୍ରକାଶ ପାଇଛି।

# ରାସ୍ତାରେ ନିର୍ମାଣ ଆବର୍ଜନା; ଟ୍ରାଫିକ୍ ସମସ୍ୟା

ପାରଳାଖେମୁଣ୍ଡି, ୮।୬ (ସମିସ)

ଅଣଓସାରିଆ ରାସ୍ତା ସାଙ୍ଗକୁ ଅସଜଡା ଟ୍ରାଫିକ୍ ବ୍ୟବସ୍ଥା ଯୋଗୁଁ ପାରଳାଖେମୁଣ୍ଡି ସହରବାସୀ ଅତିଷ୍ଠ ହୋଇପଡିଛନ୍ତି। ସହରର ରାସ୍ତାଘାଟ ଯେଉଁ ପୁରାତନ ଢାଞ୍ଚାରେ ରହିଥିଲା ସେମିତି ହିଁ ରହିଛି । ନା ହେଉଛି ପ୍ରଶସ୍ତିକରଣ ନା ହେଉଛି ବିକାଶ। ଏପରି ଅବସ୍ଥାରେ ଲୋକେ ଯାତାୟତ କରୁଥିବା ବେଳେ ଭଗବାନଙ୍କ ଭରସାରେ ଟ୍ରାଫିକ ବ୍ୟବସ୍ଥା ପରିଚାଳିତ ହେଉଛି। ସହରରେ ଦିନକୁ ଦିନ ଜନ ଓ ଯାନ ବୃଦ୍ଧି ପାଇବାରେ ଲାଗିଛି । ଯାହାକୁ ଦୃଷ୍ଟିରେ ରଖି ନା ପୌର ପ୍ରଶାସନ ନା ଜିଲ୍ଲା ପ୍ରଶାସନ ବ୍ୟବସ୍ଥିତ ଢଙ୍ଗରେ କାମ କରୁନଥିବାର ଆଲୋଚନା ହେଉଛି। ସେହିପରି ରାସ୍ତା ଉପରେ ବୁଲା ଗାଇଗରୁ, ବୁଲା କୁକୁରଙ୍କ ପ୍ରାଦୁର୍ଭାବ ବଢିଚାଲିଛି। ଅସ୍ଥାୟୀ ଉଠାଦୋକାନ ସଂଖ୍ୟା ମଧ୍ୟ ବଢି ଚାଲିଛି । ଏପରି ସ୍ଥଳେ ଯାତାୟତ ପାଇଁ ଜନସାଧାରଣଙ୍କ ଠାରୁ ଆରମ୍ଭ କରି ଜରୁରୀ ପରିସ୍ଥିତିରେ ଆମ୍ବୁଲାନ୍ସ ଓ ଅଗ୍ନିଶମ ଗାଡି ମଧ୍ୟ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି।



ଏସବୁ ସମସ୍ୟା ମଧ୍ୟରେ କୋଠା ନିର୍ମାଣ କରୁଥିବା ବ୍ୟକ୍ତିବିଶେଷଙ୍କ ନିର୍ମାଣ ସାମଗ୍ରୀ ଗୁଡିକ ରାସ୍ତା ଉପରେ ପକାଇ ରଖୁଥିବା ଯୋଗୁଁ ତାହା ମଧ୍ୟ ଯାତାୟତ କରୁଥିବା ପଥଚାରୀଙ୍କୁ ଅସୁବିଧାରେ ପକାଉଛି। ମୁଖ୍ୟ ବଜାର ଛକରୁ ରାଜଦାଣ୍ଡକୁ ସଂଯୋଗ କରୁଥିବା ସାନିଆନାଇଡୁ ସାହିର ଜଣେ ବ୍ୟକ୍ତି ବିଶେଷ ନିଜ କୋଠାବାଡି ନିର୍ମାଣ ପାଇଁ ଲୋଡ୍ ଲୋଡ୍ ବାଲି ଚିପ୍ସ ଆଦି ନିର୍ମାଣ ସାମଗ୍ରୀ ପକାଇ ରଖିଛନ୍ତି। ଉଲ୍ଲେଖିତ ସାହି ରାସ୍ତାଟି ସହରର ବ୍ୟବସାୟ ପେଣ୍ଠସ୍ଥଳୀ ଭାବେ ପରିଚିତ। ଏପରି ପ୍ରମୁଖ ରାସ୍ତା ଉପରେ ସଭିଏଁ ନିର୍ଭର କରୁଛନ୍ତି। ତେବେ ପଡିଥିବା ନିର୍ମାଣ ସାମଗ୍ରୀ ଗୁଡିକ ଯୋଗୁଁ ଯାତାୟତ ସମସ୍ୟାକୁ ଦ୍ୱିଗୁଣିତ କରୁଛି। ଅପରପକ୍ଷେ ଏହି ସାନିଆନାଇଡୁ ସାହିରେ ରହିଥିବା ବ୍ୟବସାୟୀଙ୍କ ଭାରୀଯାନ ଗୁଡିକ ଅବାଧ ପ୍ରବେଶ କରୁଛି। ଫଳରେ ଗୋଟିଏପଟେ ବ୍ୟବସାୟୀଙ୍କ ଜାନ ବାହାନ ଅନ୍ୟପଟେ ନିର୍ମାଣ ସାମଗ୍ରୀ ଯୋଗୁଁ ଲୋକେ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି। ତେବେ ଏପରି ଗୋଟିଏ ସ୍ଥାନରେ ନୁହେଁ ସହରର ସବୁ ସାହିବସ୍ତିରେ ଯିଏ କୋଠା ନିର୍ମାଣ କରୁଛି ସେ ରାସ୍ତା ଉପରେ ହିଁ ନିର୍ମାଣ ସାମଗ୍ରୀ ପକାଇ ରଖୁଛି । ଏପରି ସ୍ଥଳେ ଜଣେ ନିଜ ଗନ୍ତବ୍ୟସ୍ଥଳକୁ ଯିବାକୁ ହେଲେ ଏହି ସାହି ସେହି ସାହି ଦେଇ ଦୂରଯାତ୍ରା କରିବାକୁ ପଡୁଛି। ଏପରି ରାସ୍ତା ଉପରେ ନିର୍ମାଣ ସାମଗ୍ରୀ ପକାଇ ଅବରୋଧ କରି ରଖିବା ଦଣ୍ଡନୀୟ ଅପରାଧ ହୋଇଥିଲେ ହେଁ ପାରଳାଖେମୁଣ୍ଡି ପୌରପରିଷଦ ପକ୍ଷରୁ କୌଣସି ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନଥିବାରୁ ମନଇଚ୍ଛା କାରବାର ଚଳାଇଛନ୍ତି କୋଠା ନିର୍ମାଣକାରୀ ବ୍ୟକ୍ତିବିଶେଷ ମାନେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

## ମହେନ୍ଦ୍ରମେଳାରେ ଆହୁତି ଦେଲେ ରାଜ୍ୟପାଳ

### ଉପ ମୁଖ୍ୟମନ୍ତ୍ରୀ କେଭି ସିଂଦେଓ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଯୋଗଦାନ



ରାୟଗଡ, ୮।୬ (ସମିସ): ଗତ ୧ ତାରିଖରୁ ଐତିହାସିକ, ପୂରକ୍ଷଣ ପ୍ରସିଦ୍ଧ ତଥା ଆଧ୍ୟାତ୍ମିକ କ୍ଷେତ୍ର ମହେନ୍ଦ୍ରଗିରିରେ ଚାଲିଛି ମହେନ୍ଦ୍ରମେଳା। ନବ କୁଣ୍ଡିୟ ହରି ହରାତ୍ମକ ବିଶ୍ୱଶାନ୍ତି ମହାଯଜ୍ଞ ଚାଲିଥିବା ବେଳେ ସୋମବାର ଅଷ୍ଟମ ଦିନରେ ଏହି ପବିତ୍ର ମହେନ୍ଦ୍ର ମେଳାରେ ଯୋଗଦେଇଛନ୍ତି ଓଡ଼ିଶାର ମହାମହିମ ରାଜ୍ୟପାଳ ଡ଼. ହରିବାବୁ କମ୍ଭମପତି। ସେହିପରି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମଧ୍ୟ ଯୋଗଦେଇଛନ୍ତି। ସୋମବାର ସକାଳ ୧୦ ଟାରେ ରାଜ୍ୟପାଳ ମହେନ୍ଦ୍ରଗିରି ରେ ପହଞ୍ଚିବା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ତାଙ୍କୁ ଗାର୍ଡ ଅଫ ଅନର ଦିଆଯାଇଥିଲା। ଏଥିସହ ଏହି ମେଳାକୁ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ କରୁଥିବା ବାଣିଜ୍ୟ, ପରିବହନ, ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୁତି ଭୂଷଣ ଜେନା, ଏସଡିସି ଅଧ୍ୟକ୍ଷ କାମଦେବ ବଡ଼ନାୟକ ସ୍ୱାଗତ କରିଥିଲେ। ମହେନ୍ଦ୍ରଗିରି ଇକୋ ରିସର୍ଟରୁ ଇଭି ଗାଡ଼ିରେ ରାଜ୍ୟପାଳ ଯଜ୍ଞସ୍ଥଳରେ ପହଞ୍ଚିଥିଲେ। ଘୃତଯଜ୍ଞରେ ପୂଜାପାଠ ସହ ଯଜ୍ଞରେ ଆହୁତି ଦେଇଥିଲେ ରାଜ୍ୟପାଳ ଓ ରାଜସ୍ୱ ମନ୍ତ୍ରୀ। ଏହାପରେ ଭଗବାନ ପର୍ଶୁରାମଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ କୁନ୍ତୀ ମନ୍ଦିର ଦର୍ଶନ ସହ ପୂଜାପାଠ କରିଥିଲେ। ଏହି ଅବସରରେ ଆୟୋଜିତ ଅଭ୍ୟର୍ଥନା ସଭାରେ ଯଜ୍ଞରେ ଯୋଗଦେଇଥିବା ସାଧୁ ସନ୍ଥଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥିସହ ଯୁବ ଲେଖକ ଲକ୍ଷ୍ମୀକାନ୍ତ ପାତ୍ରଙ୍କ ଦ୍ୱାରା ରଚିତ ରଷିପୁତ୍ର ପୁସ୍ତକ ଉନ୍‌ମୋଚନ କରିଛନ୍ତି ରାଜ୍ୟପାଳ। ରାଜ୍ୟପାଳଙ୍କ ସହ ରାଜସ୍ୱ ମନ୍ତ୍ରୀ ଓ ବାଣିଜ୍ୟ ପରିବହନ ମନ୍ତ୍ରୀ ମେଳା ପରିଦର୍ଶନ କରିଛନ୍ତି। ଅପରାହ୍ନରେ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ମହେନ୍ଦ୍ରଗିରିରେ ପହଞ୍ଚିଥିଲେ। ଯଜ୍ଞ ମଣ୍ଡପ, କୁନ୍ତୀ ମନ୍ଦିର ପରିଦର୍ଶନ ସହ ବିଭିନ୍ନ ବ୍ୟବସ୍ଥା ଉପରେ ପଚାରି ବୁଝିଥିଲେ। ଏହାପରେ ପ୍ରସାଦ ସେବନ କରିଥିଲେ। ମେଳାରେ ଲକ୍ଷାଧିକ ଲୋକଙ୍କ ସମାଗମ ଦେଖି ବିମୋହିତ ହୋଇପଡିଛନ୍ତି ଉଭୟ ରାଜସ୍ୱ ମନ୍ତ୍ରୀ ଓ ଉପ ମୁଖ୍ୟମନ୍ତ୍ରୀ। ଏଭଳି ମେଳା ଆୟୋଜନ କରିଥିବା ଯୋଗୁଁ ମନ୍ତ୍ରୀ ବିଭୁତି ଜେନାଙ୍କୁ ପ୍ରଶଂସା କରିଥିଲେ। ଆଗାମୀ ଦିନରେ ଏହି ମେଳାରେ କିଭଳି ସାରା ଦେଶର ଲୋକେ ପହଞ୍ଚି ପାରିବେ ସେନେଇ ଯୋଜନା କରିବା ସହ ମହେନ୍ଦ୍ରଗିରି ର ବିକାଶ ପାଇଁ ସରକାର ସଂକଳ୍ପ ବଦ୍ଧ ବୋଲି କହିଛନ୍ତି। ଏହି ମେଳାରେ ବିଜେଡି ବିଧାୟକ ପ୍ରତାପ କେଶରୀ ଦେବ, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ଯାଜପୁର ସାଂସଦ ଡ଼.ରବୀନ୍ଦ୍ର ନାରାୟଣ ବେହେରା ପ୍ରମୁଖ ଯୋଗଦେଇଥିଲେ।

## ଲକ୍ଷ୍ମୀକାନ୍ତ ପାତ୍ରଙ୍କ 'ରଷିପୁତ୍ର' ଉନ୍ମୋଚିତ

ରାୟଗଡ, ୮।୬ (ସମିସ): ମହେନ୍ଦ୍ର ମେଳାର ଅଷ୍ଟମ ଦିନରେ ଦଣ୍ଡନାଚର ଐତିହ୍ୟ, ସଂସ୍କୃତି ଓ ଆଧ୍ୟାତ୍ମିକ ମୂଲ୍ୟବୋଧକୁ ନେଇ ରଚିତ ଗବେଷଣାତ୍ମକ ପୁସ୍ତକ "ରଷିପୁତ୍ର" ଶୈବ ଶାକ୍ତ ଧର୍ମ ଧାରାର ସମନ୍ୱୟ ପର୍ବ ଦଣ୍ଡ ନାଚ, ଓଡ଼ିଶାର ମହାମହିମ ରାଜ୍ୟପାଳ ଡାକ୍ତର ହରିବାବୁ କମ୍ଭମପତି ଙ୍କ କରକମଳରେ ଉନ୍‌ମୋଚିତ ହୋଇଯାଇଛି। ଏହି ଐତିହାସିକ ଓ ଗୌରବମୟ ମୁହୂର୍ତ୍ତ ଦଣ୍ଡନାଚ ପରମ୍ପରା ଏବଂ ଓଡ଼ିଆ ସାଂସ୍କୃତିକ ଐତିହ୍ୟ ପାଇଁ ଏକ ବିଶେଷ ସଫଳତା ଭାବେ ପରିଗଣିତ ହେଉଛି। ଏହି ଗୌରବମୟ ଅବସରରେ ଓଡ଼ିଶାର ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ବାଣିଜ୍ୟ, ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ଉପସ୍ଥିତ ଥିଲେ। ସେହିପରି ମହେନ୍ଦ୍ର ମେଳାକୁ ଆସିଥିବା ସାଧୁ-ସନ୍ଥମାନଙ୍କ ପ୍ରେରଣା, ଆଶୀର୍ବାଦ ଓ ସହଯୋଗ ଏହି କାର୍ଯ୍ୟକୁ ସଫଳ କରିବାରେ ବିଶେଷ ଭୂମିକା ଗ୍ରହଣ କରିଛି। ପୁସ୍ତକର ଲେଖକ ଲକ୍ଷ୍ମୀକାନ୍ତ ପାତ୍ର କହିଛନ୍ତି ଯେ, ଏହା କେବଳ ଏକ ପୁସ୍ତକର ଉନ୍‌ମୋଚନ ନୁହେଁ; ବରଂ ଓଡ଼ିଶାର ଲୋକକଳା, ପରମ୍ପରା ଓ ସାଂସ୍କୃତିକ ଐତିହ୍ୟକୁ ବିଶ୍ୱ ଦରବାରରେ ପହଞ୍ଚାଇବାର ଏକ ଛୋଟ ପ୍ରୟାସ। ଦଣ୍ଡନାଚ ଭଳି ପ୍ରାଚୀନ ଲୋକ ପରମ୍ପରାର ଗବେଷଣା ଓ ସଂରକ୍ଷଣ ଆଗାମୀ ପିଢ଼ି ପାଇଁ ଏକ ମୂଲ୍ୟବାନ ଐତିହ୍ୟ ଭାବେ ରହିବ ବୋଲି ସେ ମତ ପ୍ରକାଶ କରିଛନ୍ତି। ଏହି ପୁସ୍ତକ ରେ ଓଡ଼ିଶାରେ ଶୈବ ଓ ଶାକ୍ତ ପୂଜା ପଦ୍ଧତି ର ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଛି। ବିଭିନ୍ନ ଶିଳାଲେଖ, ତାମ୍ର ଫଳକ ର ତଥ୍ୟ ପ୍ରଦାନ କରି ଲେଖକ ଓଡ଼ିଶାରେ ମନ୍ଦିର ନିର୍ମାଣର କାଳ ନିରୂପଣ କରିଛନ୍ତି। ଓଡ଼ିଶାରେ ମନ୍ଦିର ନିର୍ମାଣ ପ୍ରଥମ କରି ମହେନ୍ଦ୍ରଗିରି ରେ ହୋଇଥିବାର ସେ ତଥ୍ୟ ପ୍ରଦାନ କରିଛନ୍ତି। ମହେନ୍ଦ୍ରଗିରିକୁ ସେ ଓଡ଼ିଶାରେ ଶୈବ ଓ ଶାକ୍ତ ମତାବାଦର ଆଦ୍ୟ ସ୍ଥଳ ଭାବରେ ବର୍ଣ୍ଣନା କରିଛନ୍ତି। ଏହି ଅବସରରେ ମହେନ୍ଦ୍ର ମେଳାକୁ ଆସିଥିବା ବୁଦ୍ଧିଜୀବୀ, ଗବେଷକ, ସାହିତ୍ୟିକ ଓ ସାଂସ୍କୃତିକ ବ୍ୟକ୍ତିତ୍ୱମାନେ ପୁସ୍ତକଟିର ଭୂୟସୀ ପ୍ରଶଂସା କରିବା ସହ ଏହା ଦଣ୍ଡନାଚର ଇତିହାସ, ପରମ୍ପରା ଓ ମହତ୍ତ୍ୱକୁ ନୂତନ ପିଢ଼ି ନିକଟରେ ପହଞ୍ଚାଇବାରେ ସହାୟକ ହେବ ବୋଲି ମତବ୍ୟକ୍ତ କରିଛନ୍ତି। ଏହି ପୁସ୍ତକର ଉନ୍‌ମୋଚନ ଦଣ୍ଡନାଚ ଭଳି ପ୍ରାଚୀନ ଲୋକ ପରମ୍ପରାର ସଂରକ୍ଷଣ, ଗବେଷଣା ଓ ପ୍ରଚାର-ପ୍ରସାର ଦିଗରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବା ସହ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ଅଧିକ ସୁଦୃଢ଼ କରିବ ବୋଲି ଆଶା କରାଯାଉଛି।



## ଜିଲ୍ଲାପ୍ରଶାସନର ମିଳିତ ଜନ ଅଭିଯୋଗ ଶୁଣାଣି

ନୂଆଗଡ଼, ୮।୬(ସମିସ): ଗଜପତି ଜିଲ୍ଲା ନୂଆଗଡ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଥିବା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଅଛି। ଏଥିରେ ପଞ୍ଚାୟତ ସମିତିର ସମୁଦାୟ ମୋଟ ୨୬ଗୋଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ସେଥି ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା ୧୧ଗୋଟି ରହିଥିବା ବେଳେ ଗ୍ରାମ ଭିତ୍ତିକ ସମସ୍ୟା ୧୫ ଗୋଟି ଅଭିଯୋଗ ଆସିଥିଲା। ଆଜିର ଏହି ଅଭିଯୋଗ ଶୁଣାଣି ଶିବିରରେ ମୁଖ୍ୟତଃ ଖଜୁରୀପଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ଓ ସେବିକାଙ୍କ ମରୁଡ଼ି ସହ ରକ୍ତ ପରୀକ୍ଷା କେନ୍ଦ୍ରରେ ପ୍ରାଥମିକ ରକ୍ତ ପରୀକ୍ଷା ସରଞ୍ଜାମର ସମସ୍ତ ସୁବିଧା ସହ କର୍ମଚାରୀ ଥାଇ ମଧ୍ୟ ଘରୋଇ ରକ୍ତ ପରୀକ୍ଷା କେନ୍ଦ୍ରକୁ ପରୀକ୍ଷା ନିମନ୍ତେ ପଠା ଯାଉଥିବା। ଦୀର୍ଘ ବର୍ଷ ହେଲେବି ବିଧବା ମହିଳା ମାନଙ୍କୁ ଭତ୍ତା ନ ମିଳିବା ସହ ବିଦ୍ୟୁତ, ରାସ୍ତା, ପାନୀୟ ଜଳ ଭଳି ଅନେକ ସମସ୍ୟାର ଅଭିଯୋଗ ଆସିଥିଲା। ସମସ୍ତ ଅଭିଯୋଗକୁ ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ଜନଶୁଣାଣି ଦାଇତ୍ୱ ଥିବା ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ୫ଜଣଙ୍କୁ ମଧୁବାବୁ ପେନସନ ଯୋଜନାରେ ସାମିଲ କରାଯାଇଛି। ଅଭିଯୋଗ ଶୁଣାଣିରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ପୃଥ୍ୱୀରାଜ ମଣ୍ଡଳ, ଜିଲ୍ଲା ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସୀ ସଂସ୍ଥା ଅଂଶୁମାନ ମହାପାତ୍ର, ଜିଲ୍ଲା ଶିକ୍ଷା ଅଧିକାରୀ ଡ଼. ମାୟାଧର ସାହୁ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସମେତ ପଞ୍ଚାୟତ ସମିତି ଅଧ୍ୟକ୍ଷା ମାଳତୀ ପ୍ରଧାନ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲୋକନାଥ ଶବର, ତହସିଲଦାର ମୋନାଲିସା ଆଚାର୍ଜି ସମେତ ସମସ୍ତ ବ୍ଲକ୍ ସ୍ତରୀୟ ବିଭାଗୀୟ ଅଧିକାରୀ ଏବଂ ଜନପ୍ରତିନିଧି ଶୁଣାଣିରେ ଉପସ୍ଥିତ ଥିଲେ।



## କାଶୀନଗରରେ କେପିଏଲ୍ ଦ୍ୱିତୀୟ ଅଧିବେଶନ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ



କାଶୀନଗର ୭।୬(ସମିସ): କାଶୀନଗର ଅଞ୍ଚଳର କ୍ରିକେଟ ପ୍ରେମୀଙ୍କ ମଧ୍ୟରେ ବହୁ ପ୍ରତୀକ୍ଷିତ କେପିଏଲ୍ ଦ୍ୱିତୀୟ ଅଧିବେଶନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆଜି ବାରାଣସୀ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଧୁମଧାମରେ ଆରମ୍ଭ ହୋଇଛି। କାଶୀନଗର ଫ୍ରେଣ୍ଡସ କ୍ରିକେଟ କ୍ଲବ୍ ପକ୍ଷରୁ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୬ଟି ଦଳ ଅଂଶଗ୍ରହଣ କରିଛନ୍ତି। କାଶୀନଗର ବ୍ଲକ ଏବଂ ଏନଏସି ଅଞ୍ଚଳରୁ ୧୦୫ ଜଣ ଖେଳାଳି ନିଜ ନାମ ପଞ୍ଜୀକରଣ କରିଥିଲେ। ପରବର୍ତ୍ତୀ ସମୟରେ ୫ଟି ଫ୍ରାଞ୍ଚାଇଜି ନିଲାମ ପ୍ରକ୍ରିୟା ମାଧ୍ୟମରେ ଖେଳାଳିମାନଙ୍କୁ ଚୟନ କରି ୬ଟି ଦଳ ଗଠନ କରାଯାଇଥିଲା। ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗଜପତି ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜି. ତିରୁପତି ରାଓ ଯୋଗଦେଇ ଟୁର୍ଣ୍ଣାମେଣ୍ଟର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ବାରାଣସୀ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଆର. ଦିଲ୍ଲୀପ କୁମାର ଏବଂ ଶିକ୍ଷୟିତ୍ରୀ ରମାଦେବୀ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଅତିଥିମାନେ କ୍ରିକେଟ ଖେଳ ଯୁବପିଢ଼ୀଙ୍କ ମଧ୍ୟରେ ଶୃଙ୍ଖଳା, ଏକତା ଓ ଖେଳୁଆଡ଼ ମନୋଭାବ ବିକାଶ କରିଥାଏ ବୋଲି କହିବା ସହ ଏପରି ଟୁର୍ଣ୍ଣାମେଣ୍ଟ ଆୟୋଜନକୁ ପ୍ରଶଂସା କରିଥିଲେ। ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ୍ ଫର ଦି ପିପୁଲ ଏବଂ ଗରୁଡା ନାଇଟ ମେରେସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖେଳଟି ରୋମାଞ୍ଚକର ହୋଇଥିବା ବେଳେ ଗରୁଡା ନାଇଟ ମେରେସ ଦଳ ଉତ୍କୃଷ୍ଟ ପ୍ରଦର୍ଶନ କରି ବିଜୟ ହାସଲ କରିଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍ ପିଯେଜୀ ରୋୟଲସ ଓ ଏବି ଟାଇଗର ମଧ୍ୟରେ ଖେଳାଯାଇଥିଲା। ଗରୁଡା ନାଇଟ ମେରେସ ଓ ଏବି ଟାଇଗର ଦଳ ପ୍ରଥମ ଦିନର ସଫଳ ଦଳ ଭାବେ ଉଭା ହୋଇଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୧୩ଟି ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ସ୍ଥାନୀୟ ଅଞ୍ଚଳର ପ୍ରତିଭାବାନ ଖେଳାଳିମାନଙ୍କୁ ନିଜ କୌଶଳ ପ୍ରଦର୍ଶନ ପାଇଁ ଏହା ଏକ ସୁନ୍ଦର ମଞ୍ଚ ଯୋଗାଇ ଦେବ ବୋଲି ଆୟୋଜକମାନେ ମତ ପ୍ରକାଶ କରିଛନ୍ତି। ଖେଳ ପ୍ରେମୀଙ୍କ ବ୍ୟାପକ ସମାଗମ ମଧ୍ୟରେ ଉଦଘାଟନୀ ଦିବସ ସଫଳତାର ସହ ସମ୍ପନ୍ନ ହୋଇଥିଲା। ଆଗାମୀ ଦିନରେ ଅଧିକ ରୋମାଞ୍ଚକର ମ୍ୟାଚ୍ ଦେଖିବାକୁ ମିଳିବ ବୋଲି କ୍ରିକେଟ ପ୍ରେମୀମାନେ ଆଶା ପ୍ରକାଶ କରିଛନ୍ତି। କେପିଏଲ୍ ଦ୍ୱିତୀୟ ଅଧିବେଶନ କ୍ରିକେଟ ଟୁର୍ଣ୍ଣାମେଣ୍ଟ କାଶୀନଗର ଅଞ୍ଚଳରେ କ୍ରିକେଟ ପ୍ରତି ଥିବା ଉତ୍ସାହକୁ ଆହୁରି ମଜବୁତ କରିବ ବୋଲି ସାଧାରଣରେ ଆଲୋଚନା ହେଉଛି।

# ୭ ମାସରେ ଫଇସାଲା: ଚୋରକୁ ତିନି ବର୍ଷ ଜେଲ୍

ପାରଳାଖେମୁଣ୍ଡି, ୮।୬ (ସମିସ)

ଗତ ସାତ ମାସ ପୂର୍ବ ପାରଳାଖେମୁଣ୍ଡି ଆଦର୍ଶ ଥାନା ଅନ୍ତର୍ଗତ ରାଣୀପେଣ୍ଠସ୍ଥିତ ସିମ୍ହା ନଗରରେ ଘଟିଥିବା ଏକ ଚୋରି ଘଟଣାରେ ଅଭିଯୁକ୍ତକୁ ତିନି ବର୍ଷ ସଜା ଦଣ୍ଡାଦେଶ ଦିଆଯାଇଛି। ଏନେଇ ଆଜି ପାରଳାଖେମୁଣ୍ଡି ଏସଡ଼ିଜେଏମ୍ ଗାୟତ୍ରୀ ମିଶ୍ର ଅଭିଯୁକ୍ତ ସଞ୍ଜୟ ଗାନ୍ଧୀ କଲୋନୀ ନିବାସୀ ମଙ୍ଗଳମ ଚାଣ୍ଟି ଓ ଦୋଳବନ୍ଧ ନିବାସୀ ଏନ. ନାଗରାଜୁଙ୍କୁ ଭାରତୀୟ ନ୍ୟାୟ ସଂହିତାର ଧାରା ୩୦୫ ତଥା ୩୩୧(୩)ରେ ଦୋଷୀ ସାବ୍ୟସ୍ତ କରି ପୃଥକ ପୃଥକ ଭାବେ ତିନି ବର୍ଷର ସଶ୍ରମ କାରାଦଣ୍ଡ ସହ ଏକ ହଜାର ଟଙ୍କାର ଜୋରିମାନାରେ ଅଭିଯୁକ୍ତ ଦ୍ୱୟଙ୍କୁ ଦଣ୍ଡିତ କରିଛନ୍ତି। ସରକାରଙ୍କ ପକ୍ଷରୁ ଏପିପି କାଶୀନାଥ ଦାସ ଏହି ମାମଲାର ପରିଚାଳନା କରିଥିବା ବେଳେ ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର ଏହି ମାମଲାଟିର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପ୍ରତ୍ୟକ୍ଷ ଭାବେ ତଦାରଖ କରୁଥିଲେ। ସୂଚନା ପ୍ରକାରେ ଗତବର୍ଷ ନଭେମ୍ବର ୨୦ ତାରିଖ ଦିନ ମଧ୍ୟାହ୍ନ ଦୁଇ ଘଣ୍ଟା ସମୟରେ ପାରଳାଖେମୁଣ୍ଡି ଆଦର୍ଶ ଥାନା ଅନ୍ତର୍ଗତ ରାଣୀପେଣ୍ଠ ସ୍ଥିତ ସିମ୍ହା ନଗରର ଏତଲାକାରି ଅଟୋ ଚାଳକ କର୍ଣ୍ଣମ ସୀମାଦ୍ରୀଙ୍କ ଘରେ କେହି ନଥିବାର ସୁଯୋଗ ନେଇ ଉପରୋକ୍ତ ଦୁଇ ଆସାମୀ ଘରର ତାଲା ଭାଙ୍ଗି ଘର ଭିତରେ ପଶି ଚୋରି କରୁଥିଲେ। ଦିବା ପ୍ରାୟ ୨.୩୦ମିନିଟ ସମୟରେ ଯେତେବେଳେ ଏତଲାକାରି ଘରକୁ ଆସି ତାଲା ଭଙ୍ଗା ଯାଇଥିବାର ଦେଖିଲେ, ସେତିକିବେଳେ ସେ ପାଟି କରିବାରୁ ଘର ଭିତରୁ ଶବ୍ଦ ଆସିବା ଶୁଣି ବାହାରୁ କବାଟ ବନ୍ଦ କରିଦେଇଥିଲେ ଓ ସାହି ଲୋକ ଜମା ହେବା ପରେ ପୋଲିସକୁ ଖବର ଦେବା ପରେ ପୋଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପୂର୍ବକ ସେଠାରେ ପହଞ୍ଚି କବାଟ ଖୋଲି ଦେଖିଥିଲେ ଯେ, ଉପରୋକ୍ତ ଦୁଇ ଆସାମୀ ଭିତରେ ରହିଛନ୍ତି ଓ ପରେ ତାଙ୍କ ପାଖରୁ ଚୋରି ଜିନିଷ ଜବତ କରି ତାଙ୍କୁ କୋର୍ଟ ଚାଲାଣ କରିଥିଲେ। ଏହି ମାମଲାକୁ ନେଇ ସେହି ଦିନ ସ୍ଥାନୀୟ ପାରଳାଖେମୁଣ୍ଡି ଆଦର୍ଶ ଥାନାରେ ମାମଲା ନମ୍ବର ୩୬୮ ରେ ଏକ ମାମଲା ରୁଜୁ ହୋଇଥିଲା। ପାରଳାଖେମୁଣ୍ଡି ଥାନାର ଏସ.ଆଇ. ଜଗନ୍ନାଥ ପ୍ରଧାନ ଏହି ମାମଲାର ତଦନ୍ତକାରୀ ଅଧିକାରୀ ରହିଥିଲେ। ଆଜି ପ୍ରତ୍ୟକ୍ଷଦର୍ଶୀ, ତଦନ୍ତକାରୀ ଅଧିକାରୀ ତଥା ୫ଜଣ ଅନ୍ୟ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ନ୍ୟାୟାଧୀଶ ଅଭିଯୁକ୍ତ ଦ୍ୱୟଙ୍କୁ ଭାରତୀୟ ନ୍ୟାୟ ସଂହିତାର ଧାରା ୩୦୫ (ଘରେ ପଶି ଚୋରି କରିବା)ରେ ୩ବର୍ଷର ସଜା ଓ ୧ହଜାର ଟଙ୍କାର ଜୋରିମାନା ତଥା ଧାରା ୩୩୧(୩)ରେ ୩ବର୍ଷର ସଜା ଓ ୧ହଜାର ଟଙ୍କା ଜୋରିମାନାରେ ଉକ୍ତ ଅଭିଯୁକ୍ତ ଦ୍ୱୟଙ୍କୁ ଦଣ୍ଡିତ କରିଛନ୍ତି। ଜୋରିମାନା ଅନାଦେୟ ପୃଥକ ଭାବେ ଆଉ ୧୫ଦିନ ସଶ୍ରମ କାରାଦଣ୍ଡ ଭୋଗ କରିବେ ବୋଲି ନିର୍ଦ୍ଦେଶ ରହିଛି। ଅଭିଯୁକ୍ତ ଦ୍ୱୟ ଉପରୋକ୍ତ ଦୁଇ ଦଣ୍ଡ ଏକା ସହ ଭୋଗ କରିବେ ଅର୍ଥାତ ୩ବର୍ଷର ସଜା ହିଁ ଭୋଗ କରିବେ ବୋଲି ବିଚାରପତି ନିଜ ରାୟରେ ଉଲ୍ଲେଖ କରିଛନ୍ତି। ସୂଚନାଯୋଗ୍ୟ, ଏହି ମାମଲାରେ ତ୍ୱରିତ ବିଚାର କରାଯାଇ ମାତ୍ର ସାତ ମାସରେ ଦୋଷୀକୁ ଦଣ୍ଡିତ କରାଯାଇଛି।

## ପଦ୍ମ ସମ୍ଭବ ବୌଦ୍ଧ ମନ୍ଦିର ପରିଦର୍ଶନ କଲେ ରାଜ୍ୟପାଳ



ମୋହନା, ୮।୬(ସମିସ): ଦିନିକିଆ ଗଜପତି ଜିଲ୍ଲା ଗସ୍ତରେ ମହାମହିମ ରାଜ୍ୟପାଳ ହରିବାବୁ କମ୍ଭମପତି ସୋମବାର ଆସିଛନ୍ତି, ପ୍ରଥମେ ରାଜ୍ୟପାଳ ମହେନ୍ଦ୍ରଗିରିରେ ଆୟୋଜିତ ମହେନ୍ଦ୍ରମେଳାରେ ଯୋଗ ଦେବା ପରେ ସେଠାରୁ ଜିରାଙ୍ଗସ୍ଥିତ ବୌଦ୍ଧ ମନ୍ଦିର ପରିଦର୍ଶନ କରିଛନ୍ତି। ମନ୍ଦିରରେ ପହଞ୍ଚିବା ପରେ ମୁଖ୍ୟ ଗୁରୁଜୀ ହୋଲି ଜିଗମେ ରିମ୍‌ପୋଚେ ରାଜ୍ୟପାଳଙ୍କୁ ଭବ୍ୟ ସ୍ୱାଗତ କରିଥିଲେ। ତାପରେ ମନ୍ଦିର ଦର୍ଶନ କରି ମନ୍ଦିରର ପରିଚାଳନା ଓ ଏହାର ଐତିହ ସମ୍ପର୍କରେ ପଚାରି ବୁଝିଥିଲେ ରାଜ୍ୟପାଳ। ତିବତୀୟ ମହିଳା ପୁରୁଷମାନେ ପାରମ୍ପରିକ ଉପଢୌକନ ଦେଇ ବିପୁଳ ସମ୍ବର୍ଦ୍ଧନା ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ଗଜପତି ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ସମେତ ମନ୍ଦିରର ଲାମା ସନ୍ୟାସୀ ମାନେ ସାମିଲ୍ ହୋଇଥିଲେ।

